## ସଂକ୍ଷେପରେ

### ନିର୍ବାଚନ ସେକ୍ଟର ଅଧିକାରୀ, ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ

ରୁପାରୋଡ/ନର୍ଲା/ପଲମ,୨୨।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ହାଇସ୍କୁଲ ପରିସରରେ ନିର୍ବାଚନ ସେକ୍ଟର ଅଧିକାରୀ ଓ ଭୋଟ ଗଣତି କର୍ମଚାରୀଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ନିର୍ବାଚନ ଅଧିକାରୀ ମାନସ ରଞ୍ଜନ ତ୍ରିପାଠୀ, ଗ୍ରାମ ପଞ୍ଚାୟତ ଅଫିସର କ୍ଷିତୀଶ ଚନ୍ଦ୍ର ନାଏକ, ରେଭିନ୍ୟୁ ଅଫିସର, ୨୨ଜଣ ସୁପରଭାଇଜର, ୪୪ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ୨୨ଜଣ ପିଅନ ମୋଟ ୮୮ଜଣ ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଗୋଟିଏ ଟିମ ଗୋଟିଏ ପଞ୍ଚାୟତ ଭୋଟ ଗଣତି କରିବେ। ପ୍ରଥମେ ୨୬ ତାରିଖରେ ନର୍ଲା ଜୋନ ୧ର ୮ଟି ପଞ୍ଚାୟତର ଭୋଟ ଗଣତି ହେବ। ସେହିପରି ୨୭ରେ ଜୋନ ନଂ. ୨ର ୧୦ଟି ପଞ୍ଚାୟତ ଓ ୨୮ ତାରିଖରେ ୮ଟି ପଞ୍ଚାୟତର ଭୋଟ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଥମେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଶେଷରେ ଜିଲା ପରିଷଦ ଭୋଟ ଗଣତି ହେବ ବୋଲି ସୂଚନା ମିଳିଛି। ଆସନ୍ତା ୨୪ ତାରିଖରେ କରୋନା ନେଗେଟିଭ ରିପୋର୍ଟ ଦେଇ କର୍ମଚାରୀମାନେ ଭୋଟ ଗଣତି କେନ୍ଦ୍ରରେ ପ୍ରବେଶ କରି ପାରିବେ।

### ସମିତି ସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର ଜୋରଦ୍ଦାର

କେସିଙ୍ଗା,୨୨।୨(ଡି.ଏନ.ଏ.): ଆଗାମୀ ୨୪ ତାରିଖରେ ୫ମ ପର୍ଯ୍ୟାୟ ନିର୍ବାଚନ କେସିଙ୍ଗା ବ୍ଲକରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ ପ୍ରଚାର ଜୋରଦାର ଚଳାଇଛନ୍ତି। କୁଣ୍ଡାବନ୍ଧ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବା ସହ ସରକାରୀ ଯୋଜନାର ସଫଳ ରୂପାୟନ କରିବାକୁ ଅଣ୍ଟା ଭିଡିଛନ୍ତି ମନୋଜ। ତାଙ୍କର ପ୍ରଚାରରେ ବହୁ ସମର୍ଥକ ସାମିଲ ହେଉଥିବା ଏକ ଶୁଭଙ୍କର ସୂଚନା ବୋଲି ମନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଜନତାଙ୍କ ସେବା ମୋର ପ୍ରଥମ ଦାୟିତ୍ୱ, ସେବା ସୁଚାରୁ ରୂପେ କରି କୁଣ୍ଡାବନ୍ଧବାସୀଙ୍କ ହୃଦୟରେ ସବୁଦିନ ପାଇଁ ଜିବୀତ ରହିବି ବୋଲି ସେ ଦୃଢ ମତ ପ୍ରକାଶ କରିଛନ୍ତି। କୁଣ୍ଡାବନ୍ଧ ଗ୍ରାମ ପଞ୍ଚାୟତରେ ଅନ୍ୟ ଦୁଇ ଜଣ ମଧ ସମିତି ସଭ୍ୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତରେ ୧୬୬୦ ପୁରୁଷ ଏବଂ ୧୩୬୦ ମହିଳା ଭୋଟର ରହିଛନ୍ତି।

### ରାଜ୍ୟ ସଭା ସଦସ୍ୟଙ୍କ ନିର୍ବାଚନ ପ୍ରଚାର

ବରଗଡ଼ ଅଫିସ୍,୨୨।୨: ବରଗଡ଼ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ପ୍ରଚାରର ଅନ୍ତିମ ଦିନରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବରଗଡ଼ ବ୍ଲକ ଜୋନ-୩ ଅନ୍ତର୍ଗତ ବନ୍ଧା, ଜାମପାଲି, ସରଲା ଆଦି ଗ୍ରାମକୁ ଯାଇ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ପ୍ରଚାର ସମୟରେ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଚତୁର୍ଥ ପର୍ଯ୍ୟାୟ: ୭୮.୦୯ ପ୍ରତିଶତ ମତଦାନ





ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଏକ ବୁଥ୍‌ରେ ମହିଳାମାନେ ମତଦାନ କରିବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି। ଲେଫ୍ରିପଡା ବ୍ଲକର ଏକ ବୁଥ୍ ଭିତରେ ଲୋକେ ଭୋଟ ଦେଉଛନ୍ତି।

ସୁନ୍ଦରଗଡ଼, ୨୨।୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଏହି ଚତୁର୍ଥ ପର୍ଯ୍ୟାୟରେ ହେମଗିର, ଲେଫ୍ରିପଡା ଏବଂ ଲହୁଣୀପଡା ବ୍ଲକରେ ମୋଟ ୭୮.୦୯ ପ୍ରତିଶତ ମତଦାନ ହୋଇଛି। ମୋଟ ୧ଲକ୍ଷ ୯୪ ହଜାର ୭୬୯ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୫୨ହଜାର ୨୧୬ଜଣ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ଏଥିମଧ୍ୟରେ ୭୫ ହଜାର ୩୨୯ ମହିଳା ଏବଂ ୭୬ହଜାର ୮୮୬ ଜଣ ପୁରୁଷ ଓ ୧ଜଣ ଅନ୍ୟାନ ବର୍ଗର ମତଦାତା ମତଦାନ କରିଛନ୍ତି। ହେମଗିର ବ୍ଲକରେ ମୋଟ ୬୫ହଜାର ୫୮୬ ଜଣ ଭୋଟରଙ୍କ ମଧ୍ୟରୁ ୫୦ହଜାର ୧୩୨ଜଣ ଭୋଟ ଦେଇଛନ୍ତି। ଏଠାରେ ମତଦାନ ହାର ୭୬.୪୪ ରହିଛି। ଲେଫ୍ରିପଡା ବ୍ଲକରେ ମୋଟ ୬୧ହଜାର ୧୫୮ଜଣ ଭୋଟରଙ୍କ ମଧ୍ୟରୁ ୪୭ହଜାର ୮୦ଜଣ ଭୋଟ ଦେଇଥିଲେ। ଏଠାରେ ମତଦାନ ହାର ୭୬.୯୮ ପ୍ରତିଶତ ରହିଛି। ସେହିପରି ଲହୁଣୀପଡା ବ୍ଲକରେ ମୋଟ ୬୮ ହଜାର ୨୫ଜଣ ଭୋଟରଙ୍କ ମଧ୍ୟରୁ ୫୫ହଜାର ୪ଜଣ ମତଦାନ କରିଛନ୍ତି। ଏଠାରେ ମତଦାନ ହାର ୮୦.୮୬ପ୍ରତିଶତ ରହିଛି। ୬ଗୋଟି ଜିଲାପରିଷଦ ଆସନ ପାଇଁ ମୋଟ ୨୯ଜଣ ଜିଲା ପରିଷଦ ପ୍ରାର୍ଥୀ, ୫୩ ଗ୍ରାମପଞ୍ଚାୟତର ୨୩୩ଜଣ ସରପଞ୍ଚ, ୨୧୭ଜଣ ସମିତି ସଭ୍ୟ ଏବଂ ୫୨୯ ୱାଡ଼ ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ। ସକାଳ ୭ଟାରୁ ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେବା ପାଇଁ ଭୋଟରଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ବିଶେଷକରି ଯୁବବର୍ଗ, ନୂଆ ଭୋଟର ଓ ମହିଳାଙ୍କ ମଧ୍ୟରେ ଭୋଟ ଦେବା ପାଇଁ ବିଶେଷ ଉତ୍ସାହ ସୃଷ୍ଟି ହୋଇଥିଲା। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ହେମଗିର ବ୍ଲକର ବିଭିନ୍ନବୁଥ୍ ପରିଦର୍ଶନ କରିଥିଲେ। ଆସନ୍ତା ୨୪ରେ ଜିଲାର ସୁନ୍ଦରଗଡ ସଦର, ଟାଙ୍ଗରପାଲି ଏବଂ ଗୁରୁଣ୍ଡିଆ ବ୍ଲକରେ ଭୋଟ ଗ୍ରହଣ ହେବ।

# ଆଗକୁ ଗଣତି: ପ୍ରାର୍ଥୀଙ୍କ ମଧ୍ୟରେ ହାରଜିତ୍ ଭୟ

ଲୋଇସିଂହା,୨୨।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ସରିଯାଇଛି । ତେବେ ଆଗକୁ ଭୋଟ ଗଣତି ରହିଥିବାରୁ ପ୍ରାର୍ଥୀଙ୍କ ମଧ୍ୟରେ ହାରଜିତ୍ ଭୟ ଘାରିଛି ।

ଲୋଇସିଂହା କଲେଜ ଷ୍ଟ୍ରଙ୍ଗ ରୁମରେ କଡା ସୁରକ୍ଷା ବଳୟରେ ବାଲଟ ବାକ୍ସଗୁଡିକୁ ସଂରକ୍ଷଣ କରି ରଖାଯାଇଛି। ଏଠାରେ ଅହୋରାତ୍ର ପୋଲିସ ଜଗି ରହିଛନ୍ତି । ଅପରପକ୍ଷେ ବାଲଟ ବାକ୍ସ କିପରି ଏପଟସେପଟ ନ ହେବ ସେଥିପାଇଁ ଷ୍ଟ୍ରଙ୍ଗରୁମ ବାହାରେ ଟେଣ୍ଟ ମାରି ସମର୍ଥକ ଜଗି ରହିବା ଦୃଶ୍ୟ ଦେଖିବାକୁ ମିଳିଛି । ଗତ ୧୮ ତାରିଖ ଦିନ ବ୍ଲକରେ ଅନୁଷ୍ଠିତ ନିର୍ବାଚନରେ ୭୭ ପ୍ରତିଶତ ମତଦାନ ହୋଇଥିଲା । ବ୍ଲକର ୫୭୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ବାଲଟ ବକ୍ସ ରେ ସିଲ୍ ହୋଇ ରହିଛି । ବ୍ଲକର ୩୩ ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ତାରିଖ ଓ ୩୪ ନଂ ଜୋନର ଗଣତି ୨୭ ତାରିଖରେ ଲୋଇସିଂହା କଲେଜ ପରିସରରେ ହେବ। ବିଗତ ନିର୍ବାଚନ ସମୟରେ ନିର୍ବାଚନ ଦିନ ଭୋଟ ଗଣତି କରାଯାଉଥିଲା। ସରକାରୀ ଭାବେ ଘୋଷଣା ହୋଇ ନ ଥିଲେ ବି ଅଣ ଆନୁଷ୍ଠାନିକ ଭାବେ ପ୍ରାର୍ଥୀମାନେ ହାରଜିତ ଫଳାଫଳ ଜାଣି ପାରୁଥିଲେ। ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନର ସପ୍ତାହକ ପରେ ଗଣତି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ନିର୍ବାଚନ ସରିବା ପରେ ଏବେ ପ୍ରାର୍ଥୀମାନେ ତାଙ୍କ ସମର୍ଥକଙ୍କ ସହ ହାରଜିତ୍‌କୁ ନେଇ ହିସାବ ନିକାଶ ଆରମ୍ଭ କରି ଦେଇଛନ୍ତି। କେଉଁ ୱାର୍ଡରୁ କେତେଜଣ ନିଜ ସପକ୍ଷରେ ଭୋଟ ଦେଲେ ଏବଂ ବିପକ୍ଷ ପ୍ରାର୍ଥୀଙ୍କୁ କେତେ ଭୋଟ ଯାଇଛି ତାକୁ ନେଇ ଅଙ୍କକଷା ଚାଲିଛି ।

# ଗୁଡ଼ଭେଲା ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ



ଡୁଙ୍ଗିବାହାଲ ଭୋଟକେନ୍ଦ୍ରରେ ମତଦାତାଙ୍କ ଭିଡ।

ଗୁଡଭେଲା,୨୨।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ଗୁଡ଼ଭେଲା ବ୍ଲକରେ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି। ଏହି ବ୍ଲକରେ ୧୩ ଟି ଗ୍ରାମ ପଞ୍ଚାୟତ ଥିବା ବେଳେ ୫ ଓ୬ ନମ୍ବର ଦୁଇଟି ଜିଲା ପରିଷଦ ଜୋନ ରହିଛି। ୧୫୧ଟି ବୁଥରେ ମତଦାନ ହୋଇଥିଲା। ୩୭ ହଜାର ୩୫୫ ଜଣ ଭୋଟର ରହିଥିବା ବେଳେ ୮୫.୩୮ ପ୍ରତିଶତ ମତଦାନ ହୋଇଛି । ୧୯୦୩୪ ଜଣ ପୁରୁଷ, ୧୮୩୧୭ ଜଣ ମହିଳା ଓ ଅନ୍ୟାନ୍ୟ ୪ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଥିବା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବିନୋଦ ନାୟକ ପ୍ରକାଶ କରଛନ୍ତି। ଦୁଇଟି ଜୋନରୁ ୬ ଜଣ ପ୍ରାର୍ଥୀ, ୧୩ ଗୋଟି ପଞ୍ଚାୟତରେ ୩୪ ଜଣ ସମିତି ସଭ୍ୟ, ୧୨ଟି ପଞ୍ଚାୟତରେ

### ୮୫.୩୮ ପ୍ରତିଶତ ମତଦାନ

୪୭ ଜଣ ସରପଞ୍ଚ ପ୍ରାର୍ଥୀ ଥିବା ବେଳେ ଗୋଟିଏ ପଞ୍ଚାୟତରୁ ଜଣେ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୨୯ଟି ୱାର୍ଡରେ ୬୩ ଜଣ ୱାର୍ଡ ମେମ୍ବର ନିର୍ବାଚନ ଲଢିଥିବା ବେଳେ ସମସ୍ତଙ୍କର ଭାଗ୍ୟ ବାଲଟ ବକ୍ସରେ ସିଲ୍ ହୋଇ ରହିଛି। ସମସ୍ତ ବାଲଟ ବକ୍ସକୁ ତୁଷୁରା ତହସିଲଦାର ରବୀନ୍ଦ୍ର ପୁଟେଲଙ୍କ ଉପସ୍ଥିତିରେ ଗୁଡଭେଲା ବ୍ଲକର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅସ୍ଥାୟୀ ଷ୍ଟକରୁମ କରାଯାଇ କଡା ସୁରକ୍ଷା ବଳୟରେ ରଖାଯାଇଛି। ଆସନ୍ତା ୨୬ ତାରିଖରେ ୫ ନମ୍ବର ଜିଲା ପରିଷଦ ଜୋନ ଓ ୨୭ ତାରିଖରେ ୬ ନମ୍ବର ଜିଲା ପରିଷଦ ଜୋନର ଭୋଟ ଗଣତି ହେବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି।

# ଭାରତ ସ୍କାଉଟ୍ସ ଗାଇଡ୍ସ ତରଫରୁ ଚିନ୍ତନ ଦିବସ

କୁତ୍ରା, ୨୨।୨(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ସ୍କାଉଟ ଓ ଗାଇଡ୍ସଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ।

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଭାରତ ସ୍କାଉଟ୍ସ ଗାଇଡ୍ସ ତରଫରୁ ଚିନ୍ତନ ଦିବସ ଅନୁଷ୍ଠିତ ହୋଇଯାଇଛି। ଗାଇଡ କ୍ୟାପଟେନ ଦୀପିକା କେର୍କେଟା ଓ ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍କାଉଟ ଜିଲା କମିଶନର ବିଭୀଷଣ ବାରିକ ଯୋଗଦେଇଥିଲେ। ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରଙ୍କୁ ଚିନ୍ତନ ଦିବସର ମହତ୍ୱ ବୁଝାଇଥିଲେ। ଏଥିରେ ଅନୁଷ୍ଠାନର ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ ଯୋଗଦେଇ ପ୍ରଥମେ ପତାକା ଉତ୍ତୋଳନ କରିଥିଲେ। ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ସର୍ବଧର୍ମ ପ୍ରାର୍ଥନା, ଶାନ୍ତି ପ୍ରତୀକ ପ୍ରଦର୍ଶନ କରି ଶାନ୍ତିର ବାର୍ତ୍ତା ଦେଇଥିଲେ । ପରେ ପର୍ଯ୍ୟାବରଣ ସୁରକ୍ଷା ପାଇଁ ସ୍କାଉଟ ଓ ଗାଇଡମାନେ ବୃକ୍ଷରୋପଣ କରିବା ସହ ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ଗାଇଡ କ୍ୟାପଟେନ ଦୀପିକା କେର୍କେଟା ପରିଚାଳନା କରିଥିଲେ। ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୨୨।୨(ଡି.ଏନ.ଏ)



ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼ ପୌରାଞ୍ଚଳ ୬ ନମ୍ବର ୱାର୍ଡ ଅନ୍ତର୍ଗତ ହାତୀଶାଳ ଖଡିଆସାହି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଖେଳ ପଡିଆରେ ମୋଟ ୮ଟି ଦଳକୁ ନେଇ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ପାରାକମାଣ୍ଡୋ କ୍ରିକେଟ ଦଳକୁ ପରାସ୍ତ କରି ରଫତାର କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଆୟୋଜକ କ୍ଲବର ସମିତ ମିସ୍ତ୍ରୀ ଓ ଶୁଭେନ୍ଦୁ କେର୍କେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ଓ ଚୁଡେନ୍ଦୁ କେର୍କେଟା ଯୋଗଦେଇ ଚାମ୍ପିୟନ ରଫତାର କ୍ରିକେଟ କ୍ଲବ ଓ ରନର୍ସ ଅପ୍ ପାରାକମାଣ୍ଡୋ କ୍ରିକେଟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବର ଉଦିତ ମିସ୍ତ୍ରୀ, ସୁଜିତ ନାଏକ ଓ ସନ୍ତୋଷ ବାର୍ଲାଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଦେଓଗାଁ ବ୍ଲକ: ଚତୁର୍ଥ ପର୍ଯ୍ୟାୟ ଭୋଟ ଶାନ୍ତିଶୃଙ୍ଖଳାରେ ଶେଷ

ଦେଓଗାଁ,୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୨ ଓ ୧୩ ନଂ ଜୋନରେ ଥିବା ୨୬ ଟି ପଞ୍ଚାୟତରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି । ଉକ୍ତ ବ୍ଲକରେ ୩୧୩ଟି ବୁଥରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବା ବେଳେ ଅର୍ଜ୍ଜୁନପୁର ବୁଥରେ ସର୍ବାଧିକ ୯୧ ପ୍ରତିଶତ ମତଦାନ ହୋଇଛି । ବ୍ଲକର ଦେଓଗାଁ ପିଙ୍କ୍ ବୁଥରେ ସର୍ବନିମ୍ନ ୭୨ ପ୍ରତିଶତ ମତଦାନ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଯେ,୧୨ ନଂ ଜୋନରେ ୧୫୧ ବୁଥ୍‌ରେ ୩୫୩୦୧ ଭୋଟର ଓ ୧୩ ନଂ ଜୋନର ୧୬୨ ବୁଥ୍‌ରେ ୪୦୪୪୩ ଭୋଟର ଅଛନ୍ତି । ଏଥର ନିର୍ବାଚନରେ ବୟୋଜ୍ୟେଷ୍ଠ ସଚେତନ ଭୋଟରମାନେ ସମ୍ପର୍କୀୟମାନଙ୍କ ସହଯୋଗ ନେଇ ଭୋଟ ଦେବା ପାଇଁ ବୁଥକୁ ଆସିଥିବା ନଜରକୁ ଆସିଥିଲା। ବ୍ଲକର ୨୬ ପଞ୍ଚାୟତରେ ୧୦୦ ଜଣ ସରପଞ୍ଚ ପ୍ରାର୍ଥୀ ଓ ୮୫ ସମିତି ସଭ୍ୟ ଓ ୪୧୩ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ବାଲାଟ ବକ୍ସରେ ସିଲ୍ ହୋଇ ରହିଛି । ଦେଓଗାଁ ବ୍ଲକରେ ୧୨ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ତାରିଖ ଓ ୧୩ନଂ ଜୋନର ଭୋଟ ଗଣତି ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳୀ ନାଏକ ସୂଚନା ଦେଇଛନ୍ତି। ନିର୍ବାଚନ ସୁପରିଚାଳନା ପାଇଁ ଉପ-ଜିଲାପାଳ ଲମ୍ବୋଦର ଧରୁଆ,ଏସଡିପିଓ ତୋଫାନ ବାଗ, ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ମୁରଲୀଧର ନାଏକ, ଦେଓଗାଁ ଥାନାଧିକାରୀ ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲା।



ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ମଙ୍ଗଳବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

# ମତଦାନ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ବରଗଡ଼ ଅଫିସ୍/ସୋହେଲା,୨୨।୨

ବରଗଡ଼ ଜିଲା ସୋହେଲା ବ୍ଲକରେ ମଙ୍ଗଳବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଚତୁର୍ଥ ପର୍ଯ୍ୟାୟ ମତଦାନ ବେଳେ ଉକ୍ତ ବ୍ଲକ ଅନ୍ତର୍ଗତ ପଣ୍ଡକିପାଲି ଗ୍ରାମରେ ଦୁଇ ପ୍ରମୁଖ ରାଜନୈତିକ ଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ



ହିଂସା ପରେ ଗ୍ରାମରେ ପୋଲିସ ମୁତୟନ ।

- ସୋହେଲାରେ ନିର୍ବାଚନୀ ହିଂସା
- ଆକ୍ରମଣରେ ୨ଗୁରୁତର
- ଦୋକାନ ଭଙ୍ଗାରୁଜା

ଅନ୍ୟ ଗୋଷ୍ଠୀର ୨ଜଣ ପହିଲ ଭୋଇ ଓ ରାଜୁ ସାହୁ ଗୁରୁତର ହୋଇଛନ୍ତି। ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ପ୍ରତିପକ୍ଷ ଗୋଷ୍ଠୀର ଆକାଶ ଭୋଇଙ୍କ କିରାନା ଦୋକାନକୁ ଭଙ୍ଗାରୁଜା କରାଯିବା ସହିତ ଟେକାପଥର ମାଡ଼ ହୋଇଥିଲା। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

# ଗଡ଼ରକ୍ଷା ବନାମ ସମ୍ମାନ: ବିଜେଡି - ଭାଜପା ଟକ୍କର

ସୁନ୍ଦରଗଡ଼, ୨୨।୨(ଡି.ଏନ୍.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକରେ ଥିବା ୩୫ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ୨୨ତାରିଖ ସୁଦ୍ଧା ୨୯ଟି ଜୋନରେ ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଆଉ ୩ଟି ବ୍ଲକ ସୁନ୍ଦରଗଡସଦର , ଟାଙ୍ଗରପାଲି ଏବଂ ଗୁରୁଣ୍ଡିଆରେ ୬ଟି ଜୋନ୍‌ରେ ୨୪ରେ ୫ମ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୪ଟି ଜୋନ୍‌ରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ପୂରାଦମ୍‌ରେ ଲାଗିପଡିଛନ୍ତି। ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ବିଜେଡି- ଭାଜପା ମଧ୍ୟରେ ଟକ୍କର ହେବାର ସମ୍ଭାବନା ରହିଛି। ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦିତା କରୁଥିବା ଏହି ୨ପ୍ରମୁଖ ଦଳର ପ୍ରାର୍ଥୀଙ୍କ ହାରଜିତକୁ ନେଇ ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବିଧାୟିକା କୁସୁମ ଟେଟେଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଉଭୟ ନିଜ ପ୍ରାର୍ଥୀଙ୍କ ପ୍ରଚାର ଓ ବିଜୟ ପାଇଁ ଦିନରାତି ଏକ କରିଦେଇଛନ୍ତି। ଗତ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଟାଙ୍ଗରପାଲି ଓ ସୁନ୍ଦରଗଡ ସଦର ବ୍ଲକର ୪ଟି ଆସନ ମଧ୍ୟରୁ ୩ଟିରେ ଭାଜପା ଓ ଗୋଟିଏ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ଭାଜପା ପୂର୍ବସ୍ଥିତିକୁ ବଜାୟ ରଖିବା ପାଇଁ ଲାଗିପଡିଥିବା ବେଳେ ବିଜେଡି ଭାଜପା ହାତରୁ ଏହି ଆସନ କିଭଳି ଦଖଲ କରିବ ସେ ନେଇ ଲାଗିପଡ଼ିଛି। ସେପଟେ ଭାଜପା-ବିଜେଡିର ଲଢେଇ ମଧ୍ୟରେ ଟାଙ୍ଗରପାଲି ବ୍ଲକର ଗୋଟିଏ ଆସନକୁ ସିପିଆଇ ଦଖଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛି। ଗତ ନିର୍ବାଚନରେ ବିଧାୟିକା କୁସୁମ ବିଜେଡିରେ ଥିବାବେଳେ ବର୍ତ୍ତମାନ ଭାଜପା ଟିକେଟରେ ବିଧାୟିକା ରହିଛନ୍ତି। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ସେତେବେଳେ କଂଗ୍ରେସର ବିଧାୟକ ଥିବା ବେଳେ ବର୍ତ୍ତମାନ ସେ କଂଗ୍ରେସ ଛାଡି ବିଜେଡିରେ ରହିଛନ୍ତି। ବର୍ତ୍ତମାନ ରାଜନୈତିକ ସମୀକରଣର ପରିବର୍ତ୍ତିତ ପ୍ରତିଫଳନ ଏହି ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିପାରେ ବୋଲି ରାଜନୈତିକ ସମୀକ୍ଷକ ମାନେ ମତରଖିଛନ୍ତି। ଟାଙ୍ଗରପାଲି 'କ' ଜିଲା ପରିଷଦ ଆସନ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ଆସନରେ ବିଜେଡି ଆଇନଜୀବୀ ଗେଲବତୀ ପଟେଲଙ୍କୁ ପ୍ରାର୍ଥୀ କରିଛି । ଭାଜପା ତରଫରୁ ପୂଜା ପଟେଲ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ଯଶୋଦା ପଟେଲଙ୍କୁ ପ୍ରାର୍ଥୀ କରିଥିବା ବେଳେ ସିପିଆଇ ସୁଲୋଚନା ଭୋଇଙ୍କୁ ପ୍ରାର୍ଥୀ କରିଛି। ଟାଙ୍ଗରପାଲି 'ଖ' ଆସନରେ କୁନ୍ତୀ ପ୍ରଧାନ ବିଜେଡି, ସରସ୍ୱତୀ ଓରାମ -ଭାଜପା ଏବଂ ସୁପ୍ରିୟା ଚୌଧୁରୀ କଂଗ୍ରେସ ତରଫରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ସଦର ବ୍ଲକ 'କ'ଜିଲାପରିଷଦ ଜୋନ୍‌ରେ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ ବିଜେଡି ତରଫରୁ ପ୍ରାର୍ଥୀ ହୋଇଛନ୍ତି। ଭାଜପା ପ୍ରବୀଣ କୁମାର ନାଏକଙ୍କୁ ପ୍ରାର୍ଥୀ କରିଥିବାବେଳେ ରାଜୀବ ନାଏକ କଂଗ୍ରେସର ପ୍ରାର୍ଥୀ ରହିଛନ୍ତି। କେଦାରନାଥ ପଟେଲ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ସଦର ବ୍ଲକ 'ଖ' ଜିଲାପରିଷଦ ଜୋନ୍‌ରୁ ଭାଜପା ତରଫରୁ ବନ୍ଦନା ଅଗ୍ରୱାଲ ପ୍ରାର୍ଥୀ ହୋଇଥିବା ବେଳେ ମଞ୍ଜୁଲତା ନାଏକ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ଡଲିମା ପାତ୍ରକୁ ପ୍ରାର୍ଥୀ କରିଛି । ଏହି ସବୁ ଆସନ ଗୁଡିକରେ ବିଜେଡି ଓ ଭାଜପା ବିକାଶର କଥା କହି ଭୋଟରଙ୍କ ନିକଟତର ହୋଇଥିବା ବେଳେ ଯୋଗେଶ ଓ କୁସୁମ ନିଜର କାର୍ଯ୍ୟଧାରାକୁ ମଧ୍ୟ ଭୋଟରଙ୍କ ଆଗରେ ରଖି ଭୋଟ ଭିକ୍ଷା କରୁଛନ୍ତି। ସୁନ୍ଦରଗଡ ସଦର 'କ' ଆସନ ଉପରେ ବିଶେଷ ନଜର ରହିଛି । ଏଠାରେ ବିଜେଡି ପ୍ରାର୍ଥୀ ଅଶ୍ୱିନୀ ନାଏକ ସଦର ବ୍ଲକର ୨ଥର ଉପାଧ୍ୟକ୍ଷ ଓ ଥରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଭୋଟରଙ୍କ ଆଗରେ ଏକ ପରିଚିତ ଭେଟରାନ୍ ରାଜନେତା ମୁହଁ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ପ୍ରବୀଣ କୁମାର ନାଏକ ଭେଡାବାହାଲ ପଞ୍ଚାୟତର ସମିତି ସଭ୍ୟ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ରାଜୀବ ଶିକ୍ଷିତ ଯୁବକ ଭାବେ ଭୋଟରଙ୍କ ଭୋଟପାଇବା ପାଇଁ ଆଶାବାନ୍ଧି ଅଛନ୍ତି। ସେହିପରି କେଦାର ପଟେଲ ଜଣେ କ୍ରୀଡାବିତ ଭାବେ ବିଜୟର ଆଶା ରଖିଛନ୍ତି।

## ସଂକ୍ଷେପରେ

### ପୋଲିସ ପାଟ୍ରୋଲିଂ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**୫ ପୋଲିସ ଆହତ**

**ଅମରପାଲି,୨୨।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ମତଦାନ ହୋଇଯାଇଛି। ଉକ୍ତ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ପାଟ୍ରୋଲିଂ କରୁଥିବା ଏକ ପୋଲିସ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୫ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ବ୍ଲକର ବହଲପଦର ପଞ୍ଚାୟତର ବିଭିନ୍ନ ବୁଥ୍‌ରେ ପାଟ୍ରୋଲିଂ କରି ଫେରିବା ବେଳେ ହିଲୁଙ୍ଗ ପଞ୍ଚାୟତର ପଥରଘାଟ ବୁଲାଣି ନିକଟରେ ଉକ୍ତ ଗାଡି ରାସ୍ତାରୁ ତଳକୁ ଖସି ପଡିଥିଲା। ଫଳରେ ଗାଡିରେ ଥିବା ଧର୍ମଶାଳା ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନନ୍ଦିଆ, ରାମଶଙ୍କର ପାଣିଗ୍ରାହୀ, ଦେବାନନ୍ଦ ଧରୁଆ, ପ୍ରଶାନ୍ତ ଖମାରି ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### କୃଷକ ସଙ୍ଗଠନ ବୈଠକ

**ଜାମଟିକ୍ରା,୨୨।୨(ଡି.ଏନ.ଏ):** ଅତାବିରା ଏନଏସି ଅଧୀନ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାର କଳାବଜାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଅତାବିରା ଅଞ୍ଚଳର ଚାଷୀଙ୍କ ସାରର ଆବଶ୍ୟକତା ରହିଛି। କିନ୍ତୁ ସେମାନଙ୍କୁ ଆବଶ୍ୟକ ସାର ମିଳୁନାହିଁ। ଫଳରେ ଚାଷୀ ଚଢାଦରରେ ସାର କିଣୁଛନ୍ତି। ବେପାରୀମାନେ ସାର ସହ ଜଙ୍କ୍ ନେବାକୁ ଚାଷୀମାନଙ୍କୁ ବାଧ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ଚାଷୀ ସଙ୍ଗଠନ ତରଫରୁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ତାଲା ପକାଯିବ ବୋଲି ଚାଷୀମାନେ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ସଙ୍ଗଠନର ସମ୍ପାଦକ ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ସୁରେଶ କର୍ଣ୍ଣ, ଭୁବନେଶ୍ୱର ପଧାନ, ଭରତ ମଲ୍ଲିକ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଅସହାୟଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ



ଉଦ୍ଧାର ବୃଦ୍ଧଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଛି ।

**ବରଗଡ଼ ଅଫିସ୍,୨୨।୨:** ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ପଡ଼ି ରହିଥିବା ଜଣେ ଅସହାୟ ବୃଦ୍ଧଙ୍କୁ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ବୃଦ୍ଧଙ୍କ ଶରୀରର ବିଭିନ୍ନ ସ୍ଥାନରେ ଘା' ହୋଇଥିବାବେଳେ ସେ ଅସହାୟ ଭାବେ ବସଷ୍ଟାଣ୍ଡରେ ପଡ଼ି ରହିଥିଲେ। କିଏ କିଛି ଦେଲେ ଖାଉଥିଲେ, ନଚେତ୍ ଭୋକ ଉପାସରେ ରହୁଥିଲେ। ଏହା ଜାଣିବା ପରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀ ବସଷ୍ଟାଣ୍ଡକୁ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ।

# ଝାରସୁଗୁଡ଼ା ଫ୍ୟାମିଲି କୋର୍ଟରେ କୋଲକାତା ଦମ୍ପତି

**ଝାରସୁଗୁଡ଼ା ଅଫିସ,୨୨।୨**

ଝାରସୁଗୁଡା ସିଡବ୍ଲ୍ୟୁସିରୁ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା କୋଲକାତାର ଦୁଇ ଦମ୍ପତି ବିଚାର ପାଇଁ ୨ମାସ ତଳେ ଝାରସୁଗୁଡ଼ାରେ ଖୋଲିଥିବା ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦମ୍ପତି ଦୁଇ ପୋଷ୍ୟ ସନ୍ତାନଙ୍କୁ ଧରି ମଙ୍ଗଳବାର ଝାରସୁଗୁଡା କୋର୍ଟରେ ପହଞ୍ଚିଥିଲେ। ଫ୍ୟାମିଲି କୋର୍ଟ ବିଚାରପତି ହର ପ୍ରସାଦ ପଟ୍ଟନାୟକ ଏହାର ଶୁଣାଣିକରି ଫାଇନାଲ୍ ଅର୍ଡର ଦେଇଛନ୍ତି। ପରେ ଦୁଇ ଦମ୍ପତି ପୋଷ୍ୟ ସନ୍ତାନଙ୍କ ଜନ୍ମ ସାର୍ଟିଫିକେଟ୍ ପାଇଁ ଆବେଦନ କରିବେ। କୋର୍ଟରେ ମହକିଲଙ୍କ ତରଫରୁ ଓକିଲ ଅରୁଣ କୁମାର ସାହୁ ଉପସ୍ଥିତ ରହି ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୟରେ ସିଡବ୍ଲ୍ୟୁସି ସୁନନ୍ଦ ମହାରଣା, ପୋଷ୍ୟ ସନ୍ତାନକାରୀ ଏଜେନ୍ସିର ନିର୍ଦ୍ଦେଶକ ବିଜୟ କୁମାର ପଟ୍ଟନାୟକ, ମ୍ୟାନେଜର ରଞ୍ଜିତା ତନ୍ତୀ, ସାମାଜିକ କର୍ମୀ ପ୍ରବୀଣ କୁମାର ବାଘ ପ୍ରମୁଖ ଉପସ୍ଥିତ ଥିଲେ।



ଝାରସୁଗୁଡା ଫ୍ୟାମିଲି କୋର୍ଟରେ ଶିଶୁଙ୍କ ସହିତ ୨ ଦମ୍ପତି ପରିବାର ।

ସୂଚନାଯୋଗ୍ୟ କୋଲକାତାର ନିଃସନ୍ତାନ ଦମ୍ପତି ଜାତୀୟ ସ୍ତରରେ ଥିବା ସଂସ୍ଥା କାରା ନିକଟରେ ପୋଷ୍ୟ ସନ୍ତାନ ପାଇଁ ୨୦୧୮ରେ ଆବେଦନ କରିଥିଲେ। କାରା ନିର୍ଦ୍ଦେଶକ୍ରମେ ଆବେଦନ କରିଥିବା ୨ ଦମ୍ପତି ଝାରସୁଗୁଡା ସିଡବ୍ଲୁସି ଜରିଆରେ ବ୍ରଜରାଜନଗରସ୍ଥିତ ପୋଷ୍ୟ ସନ୍ତାନ କେନ୍ଦ୍ରରୁ ୨ ଶିଶୁଙ୍କୁ ଗ୍ରହଣ କରିଥିଲେ। ଏଥିମଧ୍ୟରେ କୋଲକାତା

**ପୋଷ୍ୟସନ୍ତାନଙ୍କୁ ପାଇ ଖୁସି ଥିବା କହିଲେ**

ପିଡବ୍ଲ୍ୟୁଡି ରୋଡ୍ ୟୁବି କଲୋନୀ ବାସିନ୍ଦା ବ୍ୟବସାୟୀ ଅମିତ କୁମାର ମାଇତି ଓ ଚନ୍ଦ୍ରାଣୀ ମାଇତି ନାମକ ଦମ୍ପତି ଡିସେମ୍ବର ୨୮ରେ ଆରୁଷ ନାମକ ଶିଶୁପୁତ୍ରକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଏବେ ଆରୁଷଙ୍କ ବୟସ ୫ମାସ ହୋଇଛି। ସେହିପରି କୋଲକାତାର ସାଉଥ୍ ୨୪ ପରଗନା ନିବାସୀ ବିଶାଳ ଫାନାଚାଇସ୍ ଓ ସୁକନ୍ୟା ବାନାର୍ଜୀ ନାମକ ଦମ୍ପତି ଜାନୁୟାରୀ ୧୫ରେ ଅଲିଶା ନାମକ ଶିଶୁକନ୍ୟାଙ୍କୁ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଥିଲେ । ଏବେ ଶିଶୁକନ୍ୟା ଅଲିଶାର ବୟସ ୫ମାସ ହୋଇଛି। ଉଭୟ ଦମ୍ପତିଖୁସିଥିବାବେଳେ ଏହା ଭଗବାନଙ୍କ ବରଦାନ ବୋଲି କହିଛନ୍ତି।

# ବକେୟା ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୨୨।୨**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧିନ ବନ୍ଧବାହାଲ କଲୋନୀରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀମାନେ ବକେୟା ଦରମା ଦାବିରେ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସେମାନେ ଇନ୍ଦ୍ରଧନୁଷ୍ କ୍ଲବ୍ ସମ୍ମୁଖ ରାସ୍ତାରେ ଅଳିଆ ଗଦାକରି ଅଭିନବ ଭାବେ ପ୍ରତିବାଦ କରିଥିଲେ। ପରେ ଶତାଧିକ କର୍ମଚାରୀ ଲଖନପୁର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବକେୟା ଦରମା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ସଫେଇ କର୍ମଚାରୀଙ୍କ ବକେୟା ଦରମା ଓ ଅନ୍ୟାନ୍ୟ ଦାବି ନେଇ ବାରମ୍ବାର ଆନ୍ଦୋଳନ ହେଉଛି। ସମ୍ପୃକ୍ତ ଠିକାସଂସ୍ଥା ଦାବି ପୂରଣପାଇଁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହାକୁ ରକ୍ଷା କରୁନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ଆନ୍ଦେଳନ ରୂପ ନେଉଛି। ଏ ନେଇ ଏପିଏମ୍ ସଞ୍ଜୀବ ଭରଦ୍ୱାଜ କହିଛନ୍ତି, ସଫେଇ କର୍ମଚାରୀଙ୍କ ଯାହାକିଛି ସମସ୍ୟା ରହିଛି ସେସବୁ ଠିକାସଂସ୍ଥା ସହିତ ଆଲୋଚନା କରାଯାଇ ସମାଧାନ କରାଯିବ।



ଏମ୍‌ସିଏଲ୍ ଲଖନପୁର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ବିକ୍ଷୋଭ।

# ଭୋଟ ଦେଲେ ଏମ୍‌ପି ଜୁଏଲ ଓରାମ

**ଲହୁଣୀପଡ଼ା,୨୨।୨(ଡି.ଏନ.ଏ.)**

**ଲହୁଣୀପଡ଼ା ବ୍ଲକରେ ଶାନ୍ତିଶୃଙ୍ଖଳାରେ ମତଦାନ**

ଲହୁଣୀପଡ଼ା ବ୍ଲକରେ ଚତୁର୍ଥ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ ଗ୍ରହଣ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ବଣାଇ ନିର୍ବାଚନମଣ୍ଡଳୀର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲହୁଣୀପଡ଼ା ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନ୍ଦୁଡିହି ଗ୍ରାମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ଘର। ସେ ମତଦାନ କରିବା ପାଇଁ ନିଜ ବୁଥରେ ଧାଡିବାନ୍ଧି ଛିଡା ହୋଇ ମତଦାନ କରିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ କେନ୍ଦ୍ରରେ ମତଦାନ କରିବା ପାଇଁ ଭୋଟରମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।

୨୨୯ଟି ୱାର୍ଡ ୧୭ଟି ପଞ୍ଚାୟତକୁ ନେଇ ଲହୁଣୀପଡ଼ା ବ୍ଲକ ଗଠିତ। ଏହି ବ୍ଲକରେ ମୋଟ ଭୋଟର ସଂଖ୍ୟା ୬୮୦୨୫। ନିର୍ବାଚନ ପାଇଁ ଲହୁଣୀପଡ଼ା ବ୍ଲକକୁ ଦୁଇଟି ଜୋନରେ ବିଭକ୍ତ କରାଯାଇଛି। କୁର୍ଡା, କୁଡେଇକଳା, କଲେଇପୋଷ, ଶଙ୍ଖପୋଷ, ଲହୁଣୀପଡ଼ା, ରାଜାମୁଣ୍ଡା, ବଡ ପୁରୁଣାପଣି, ଦର୍ଜାଂ ଏହି ୮ପଞ୍ଚାୟତକୁ ନେଇ(କ)ଜୋନ ଗଠିତ। ଏହି ଜୋନରେ ୧୧୬ଟି ବୁଥ ଥିବାବେଳେ ୩୭୯୮୩ ଭୋଟର ଅଛନ୍ତି। ସେହିଭଳି ଭୁତୁଡା,



ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଭୋଟ ଦେଇଛନ୍ତି।

ଶସ୍ୟକଳା, କୁଲିପୋଷ, ତାଳବାହାଲି, ଖୁଣ୍ଟୁଗାଁ, ହଳଦୀକୁଦର, ଫୁଲଝର, ଡଲେଇସରା, ମହୁଲପଦା ୯ଟି ପଞ୍ଚାୟତକୁ ନେଇ 'ଖ'ଜୋନ ଗଠିତ। ଏହି ଜୋନରେ ୧୧୩ଟି ବୁଥ ଥିବାବେଳେ ୩୦୦୪୨ ଭୋଟର ଅଛନ୍ତି। ମଙ୍ଗଳବାର ମୋଟ ୫୫୦୦୪ ମତଦାତା ମତଦାନ କରିଥିବା ବେଳେ ଲହୁଣୀପଡ଼ା ବ୍ଲକରେ ୮୦.୮୬ ଶତକଡା ମତଦାନ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଲହୁଣୀପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଲଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲହୁଣୀପଡ଼ା ପଞ୍ଚାୟତର ୪ ଓ ୫ ନମ୍ବର ବୁଥକୁ ପିଙ୍କ ବୁଥ କେନ୍ଦ୍ର କରାଯାଇଥିଲା। ୪ନମ୍ବର ବୁଥରେ ମୋଟ ଭୋଟର ସଂଖ୍ୟା ୩୦୬ ରୁ ୨୩୬ ଜଣ ମତଦାନ କରିଥିବା ବେଳେ ୫ନମ୍ବର ବୁଥରେ ମୋଟ ଭୋଟର ସଂଖ୍ୟା ୨୭୨ରୁ ୧୮୧ଜଣ ମତ ସାବ୍ୟସ୍ତ କରିଥିବା ଜଣାପଡିଛି। ପ୍ରଥମ ଥର ପାଇଁ ଏହି ଉଭୟ ବୁଥରେ ମହିଳା ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର, ପୋଲିସ ନିର୍ବାଚନ ଦାୟିତ୍ୱ ତୁଲାଇଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ ପିଙ୍କ ବୁଥ କରାଯାଇ ଥିବାରୁ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ନୂତନ ମତଦାତାମାନେ ମତଦାନ କରିଥିଲେ। ଅନେକ ଭୋଟ କେନ୍ଦ୍ରରେ ବୟସ୍କ ବୃଦ୍ଧା,ବୃଦ୍ଧ, ଭିନ୍ନକ୍ଷମ ଭୋଟରମାନେ ଧାଡି ବାନ୍ଧି ଧର୍ଯ୍ୟର ସହିତ ମତଦାନ କରିଥିବା ଦେଖିବାକୁ ମିଳିଥିଲା।

# ଭୋଟ ଗଣତି ପାଇଁ ପ୍ରଶିକ୍ଷଣ ଶିବିର

**ନାକଟିଦେଉଳ,୨୨।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭୋଟ ଗଣତି ପାଇଁ ନିୟୋଜିତ କର୍ମଚାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଉଭୟ ଜୋନରେ ଗତ ୧୮ତାରିଖରେ ମତଦାନ ଶେଷ ହୋଇଛି। ଆସନ୍ତା ୨୬ରେ ଜୋନ-୧ ଓ ୨୭ରେ ଜୋନ-୨ ଅନ୍ତର୍ଗତ ସମସ୍ତ ବୁଥ୍‌ର ଭୋଟ ଗଣତି ହେବ। ଜୋନ-୧ର ୬ଟି ପଞ୍ଚାୟତର ଭୋଟ ଗଣତି ପାଇଁ ୬ ଟେବୁଲରେ ୬ ଟିମ୍ ଯୋଗଦେବେ। ସେହିପରି ଜୋନ-୨ର ୮ ପଞ୍ଚାୟତ ପାଇଁ ୮ ଟେବୁଲରେ ୮ ଟିମ୍ ରହି ଭୋଟ ଗଣତି କରିବେ। କାଉଣ୍ଟିଂ ସୁପରଭାଇଜର, ଆସିଷ୍ଟାଣ୍ଟ କାଉଣ୍ଟିଂ ସୁପରଭାଇଜର କିପରି ଭୋଟ ଗଣତି କରିବେ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ନିର୍ବାଚନ ଲଢିଥିବା ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ନାକଟିଦେଉଳ ଥାନା ଅଧିକାରୀ ବିଭୁତି ଭୂଷଣ ଦଳାଇ ପ୍ରମୁଖ ଉପସ୍ଥିତ ରହି ଭୋଟ ଗଣତି ନେଇ ତାଲିମ ଦେଇଥିଲେ। ଏଥିରେ ନିୟୋଜିତ ହେବାକୁ ଥିବା ୪୦ କର୍ମଚାରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମଚାରୀ।

# ଆଜି ସକାଳ ୮ଟାରୁ ବିଦ୍ୟୁତ୍ କାଟ

**ଅଇଁଠାପାଲି ଛକଠାରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ**

**ସମ୍ବଲପୁର,୨୨।୨(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ନିକଟ ବୀର ବୀର୍ସା ମୁଣ୍ଡା ଛକଠାରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ୩୩/୧୧ କେଭି ଫିଡର ଲାଇନ ସ୍ଥାନାନ୍ତରଣ କରାଯିବ। ଏଥିସହ ଅଇଁଠାପାଲି ଗ୍ରୀଡ୍ ସବଷ୍ଟେଶନ ମରାମତି କାର୍ଯ୍ୟ ମଧ କରାଯିବ। ତେଣୁ ବୁଧବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଡବ୍ରୀ, ଅଇଁଠାପାଲି, ବରେଇପାଲି, ବୁଢ଼ାରଜା ରାସ୍ତା, କ୍ଷେତରାଜପୁର ଅଞ୍ଚଳର କିଛି ଅଂଶ, ଦୁର୍ଗାପାଲି, କାନିୟୁରୀ, ଅନଗୁଲିଆପଡା, ଶୁଭମ କଲୋନୀ, ପରଧିଆପାଲି, ଶାନ୍ତିନଗର, ଏନଗୁହା ଲେନ, ଜଗନ୍ନାଥ କଲୋନୀ, ପଧାନପଡା, ଏସ୍‌ଆର୍‌ଆଇଟି କଲୋନୀ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳ ପ୍ରଭାବିତ ହେବ। ଏଥିସହ ଏହି ସମୟରେ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ସମ୍ମୁଖ, ଦେଉଳବନ୍ଧ, ମାଳିପଡା, ମୋଦିପଡା, ପାଣିଟାଙ୍କି ଅଞ୍ଚଳ, ଫାର୍ମ ରୋଡ, ଲକ୍ଷ୍ମୀଟକିଜ ରାସ୍ତା, କୁଞ୍ଜେଲପଡା, ଲେବର କଲୋନୀ, ତଅଁଳାପଡା, ଝାଡୁଆପଡା, ଗୁରୁପଡା, ଗୁଜୁରାଟି କଲୋନୀ, ଦୁରଦର୍ଶନ କଲୋନୀ, ସାହୁ କଲୋନୀ, ନନ୍ଦପଡା, ଭିଏସ୍‌ଏସ୍ ମାର୍ଗ, ରେଡିଓ କଲୋନୀରେ ମଧ ଅନୁରୂପ ଭାବେ ବିଦ୍ୟୁତ୍ କାଟ ହେବ। ଗ୍ରାହକମାନେ ସହଯୋଗ କରିବାକୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତ୍ତିରେ ସୂଚିତ କରିଛନ୍ତି।

# ୨ ବାଇକ୍ ସହ ୪ ଯୁବକ ଗିରଫ

**ଝାରସୁଗୁଡ଼ା ଅଫିସ,୨୨।୨**

ଝାରସଗୁଡ଼ା ରେଳଷ୍ଟେଶନ ପରିସରରେ ଦ୍ରୁତଗତିରେ ବାଇକ୍ ଚାଳନା ଅଭିଯୋଗରେ ଜିଆର୍‌ପି ପୋଲିସ ୪ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରଜରାଜନଗର ଅଞ୍ଚଳର ଗୁଡ୍ଡୁ ରଜକ (୧୮), ବିଟୁ ସୁନା (୧୯), ମହମ୍ମଦ ୟୁମାନ (୧୯) ଓ ହାଦିମ୍ ଆନସରୀ (୨୦)। ଏମାନଙ୍କ ନିକଟରୁ ପୋଲିସ ଓଡି୨୩ବି ୪୨୯୧ନଂ ଓ ଓଡି୨୩ଏମ୍୭୪୦୮ନଂ ବାଇକ୍ ଜବତ କରିଛି। ଏମାନଙ୍କ ନାମରେ ଝାରସୁଗୁଡା ଜିଆର୍‌ପି ପୋଲିସ୍ ଥାନା କେସ୍ ନଂ୧୪/୨୨ରେ ଏକ ମାମଲା ରୁଜୁ କରିଛି। ଜିଆର୍‌ପି ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି, ଗତ ସୋମବାର ରାତି ସାଢେ ୯ଟାରେ ଉପରୋକ୍ତ ୪ଜଣ ଯୁବକ ୨ବାଇକ୍‌ରେ ରେଳଷ୍ଟେଶନ ପରିସରରେ ଯାତ୍ରୀଙ୍କ ଗହଳି ଭିତରେ ଦ୍ରୁତଗତିରେ ବାଇକ୍ ଚଳାଉଥିଲେ। ଜିଆର୍‌ପି ପୋଲିସ ବାରଣ କରିଥିବାବେଳେ ସେମାନେ ନ ମାନି ଓଲଟା ପୋଲିସକୁ ଧକ୍କା ମାରିଥିଲେ। ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା ।

# ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ମାତୃଭାଷା ଦିବସ

**ଦେବଗଡ଼,୨୨।୨(ଡି.ଏନ.ଏ)**

ଦେବଗଡସ୍ଥିତ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ବାରକୋଟ ବ୍ଲକ ଅନ୍ତର୍ଗତ ଝୁମ୍ପୁରା ଗ୍ରାମରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଜନଶିକ୍ଷଣ ସଂସ୍ଥାନର ସହ କାର୍ଯ୍ୟକ୍ରମ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଶ୍ୱନାଥ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ସାହୁ ଓ କାର୍ଯ୍ୟକ୍ରମ ଅଧିକାରୀ ହୃଷିକେଶ ସାହୁ ମଞ୍ଚାସୀନ ରହି ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଜନଶିକ୍ଷଣ ସଂସ୍ଥାନର କ୍ଷେତ୍ର ସଂଯୋଜିକା ସ୍ୱର୍ଣ୍ଣମୟୀ ଘଡେଇ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଚିନ୍ତନ ଦିବସରେ ଆଲୋଚନା ଚକ୍ର

**ବ୍ରଜରାଜନଗର,୨୨।୨(ଡି.ଏନ.ଏ.)**

ବିଶ୍ୱ ଚିନ୍ତନ ଦିବସ ଅବସରରେ ଆମ ବିଶ୍ୱ ଓ ସମାନ ଭବିଷ୍ୟତ ଉପରେ ଏକ ଆଲେଚାନାଚକ୍ର ସ୍ଥାନୀୟ ଓପିଏମ୍ ବାଳିକା ହାଇସ୍କୁଲ ପରିସରରେ ଆୟୋଜିତ ହୋଇଛି। ଗାଇଡ୍ ଛାତ୍ରୀଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସାହୁ ଅଧକ୍ଷତା କରିଥିଲେ। ପୁରାତନ ଛାତ୍ରସଂସଦ ସଭାପତି ସଂଯୁକ୍ତା ମହାପାତ୍ର ମୁଖ୍ୟଅତିଥି ଓ ଉପନ ସାହୁ, ସଚେତନ ନାଗରିକ ସଂଘ ସଭାପତି ଶଶୀଭୂଷଣ ପାତ୍ର, ପୁରାତନ ଛାତ୍ରସଂସଦ ଉପାଧକ୍ଷା ସଂଯୁକ୍ତା ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ଓ ଲିଙ୍ଗଗତ ସମସ୍ୟା ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଯେଉଁଠାରେ ଲିଙ୍ଗଗତ ଅସମାନତା ଅଧିକ ସେଠାରେ ଜଙ୍ଗଲ ହ୍ରାସ, ବାୟୁ ପ୍ରଦୂଷଣ, ଜଳ, ମାଟି ପ୍ରଦୂଷିତ ଅଧିକ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ପୁରୁଷ ସହିତ ମହିଳାମାନଙ୍କୁ ସମାନ ସ୍ତରକୁ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଅନ୍ତିମ ପର୍ଯ୍ୟାୟରେ ରୋଡ୍ ଶୋ, ନିର୍ବାଚନୀ ସଭା

**ସୁନ୍ଦରଗଡ଼, ୨୨।୨ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାରେ ଆସନ୍ତା ୨୪ରେ ହେବାକୁଥିବା ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ସକାଶେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଜିଲାର ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସୁନ୍ଦରଗଡ ସଦର ଏବଂ ଟାଙ୍ଗରପାଲି ବ୍ଲକର ୪ଟି ଜିଲାପରିଷଦ ଜୋନ୍ ଏବଂ ବଣାଇ ବିଧାନସଭା କ୍ଷେତ୍ରର ଗୁରୁଣ୍ଡିଆ ବ୍ଲକର ୨ଟି ଜିଲା ପରିଷଦ ଜୋନ୍‌ରେ ଭୋଟ ଗ୍ରହଣ ହେବ। ଏହି ପ୍ରଚାର କାର୍ଯ୍ୟର ଅନ୍ତିମ ଦିବସରେ ପ୍ରାର୍ଥୀମାନେ ତଥା ଦଳୀୟ ନେତା ଓ କର୍ମୀମାନେ ନିର୍ବାଚନୀ ସଭା ଓ ରୋଡ ସୋ ମାଧ୍ୟମରେ ପ୍ରଚାର କରିଥିଲେ। ସୁନ୍ଦରଗଡ଼ ସଦର ବ୍ଲକ 'କ' ଓ 'ଖ' ଜିଲାପରିଷଦ ଜୋନ୍‌ରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ଓଡିଆ ସିନେ ତାରକା ତମନ୍ନା ବ୍ୟାସ, ରାଜ୍ୟ ବିଜୁ ଛାତ୍ର ଜନତା ପଦାଧିକାରୀ ମନୋଜ ସେନାପତି ପ୍ରମୁଖ କିରେଇ ବଜାରଦାଣ୍ଡ, ଜପଙ୍ଗା, ରୂପିଡିହି, ଭବାନୀପୁର, କୁଶପଡା, ବାରଗାଡ, କିଞ୍ଜିର୍ମା, କନ୍ଦାବାହାଲ, ଭେଡାବାହାଲ, ଦେଉଳି, କୁଣ୍ଡୁକେଲାରେ ରୋଡ ସୋ ମାଧ୍ୟମରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଅଶ୍ୱିନୀ ନାଏକଙ୍କ



ସୁନ୍ଦରଗଡ ସଦର ବ୍ଲକରେ ବିଜେଡିର ରୋଡ ଶୋ ଓ ନିର୍ବାଚନୀ ସଭା।



**ସସ୍ମିତ ପାତ୍ର, ଦିଲୀପ ତିର୍କୀ, ଯୋଗେଶ ସିଂ, ସିନେ ତାରକା ତମନ୍ନାଙ୍କ ମାରାଥନ ପ୍ରଚାର**

ସପକ୍ଷରେ ପ୍ରଚାର କରିଥିଲେ। ପରେ ଦେଉଳିଠାରେ ଆୟୋଜିତ ବିଜେଡି ମହିଳା ସମାବେଶରେ ଯୋଗଦେଇ ଏହି ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ନବୀନ ସରକାର ମହିଳାଙ୍କ ଉନ୍ନତି ପାଇଁ ଗୁରୁତ୍ୱ ଦେଇଥିବା କହିବା ସହ କରି ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ସଭାରେ ସଦର ବ୍ଲକ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ ଚନ୍ଦ୍ରମଣି ପଟେଲଙ୍କ ପୁତ୍ରବଧୂ ସସ୍ମିତା ପଟେଲ ବିଜେଡିରେ ଯୋଗଦାନ କରିଥିଲେ। ବିଜେଡି ତରଫରୁ ତାଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରାଯାଇଥିଲା। ଏହି ନିର୍ବାଚନୀ ସଭାଗୁଡିକରେ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ସାହାବାଜ୍ ହୁସେନ୍, ଯୁବନେତା ରୋଶନ ସାହୁ, ଆଶୀଷ ପଶାୟତଙ୍କ ସମେତ ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳା ଓ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୩ ଫେବୃୟାରୀ, ୨୦୨୨



## ବୁଥ୍ ବୁଲିଲେ ଜିଲାପାଳ, ଏସ୍‌ପି



ବରଗଡ଼ ଅଫିସ୍: ବରଗଡ଼ ଜିଲା ସୋହେଲା ବ୍ଲକରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ମତଦାନ ଥିଲା। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ରାହୁଲ ଜୈନ, ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ପ୍ରମୁଖ ଉକ୍ତ ବ୍ଲକର ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ର ପରିଦର୍ଶନ କରିଥିଲେ। ବ୍ଲକର ସମ୍ବେଦନଶୀଳ, ପିଙ୍କ୍ ଏବଂ ଆଦର୍ଶ ବୁଥ୍‌ଗୁଡ଼ିକୁ ପରିଦର୍ଶନ କରି ସେମାନେ ସ୍ଥିତି ସମୀକ୍ଷା କରିଥିଲେ।

### ସଂକ୍ଷେପରେ

## ନିର୍ବାଚନ ସେକ୍ଟର ଅଧିକାରୀ, ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ

ରୁପାରୋଡ/ନର୍ଲା/ପଲମ,୨୨।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ହାଇସ୍କୁଲ ପରିସରରେ ନିର୍ବାଚନ ସେକ୍ଟର ଅଧିକାରୀ ଓ ଭୋଟ ଗଣତି କର୍ମଚାରୀଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ନିର୍ବାଚନ ଅଧିକାରୀ ମାନସ ରଞ୍ଜନ ତ୍ରିପାଠୀ, ଗ୍ରାମ ପଞ୍ଚାୟତ ଅଫିସର କ୍ଷିତୀଶ ଚନ୍ଦ୍ର ନାଏକ, ରେଭିନ୍ୟୁ ଅଫିସର, ୨୨ଜଣ ସୁପରଭାଇଜର, ୪୪ଜଣ କାଉଣ୍ଟିଙ୍ଗ ଆସିଷ୍ଟାଣ୍ଟ, ୨୨ଜଣ ପିଅନ ମୋଟ ୮୮ଜଣ ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଗୋଟିଏ ଟିମ ଗୋଟିଏ ପଞ୍ଚାୟତ ଭୋଟ ଗଣତି କରିବେ। ପ୍ରଥମେ ୨୬ ତାରିଖରେ ନର୍ଲା ଜୋନ ୧ର ୮ଟି ପଞ୍ଚାୟତର ଭୋଟ ଗଣତି ହେବ। ସେହିପରି ୨୭ରେ ଜୋନ ନଂ. ୨ର ୧୦ଟି ପଞ୍ଚାୟତ ଓ ୨୮ ତାରିଖରେ ୮ଟି ପଞ୍ଚାୟତର ଭୋଟ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଥମେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଶେଷରେ ଜିଲା ପରିଷଦ ଭୋଟ ଗଣତି ହେବ ବୋଲି ସୂଚନା ମିଳିଛି। ଆସନ୍ତା ୨୪ ତାରିଖରେ କରୋନା ନେଗେଟିଭ ରିପୋର୍ଟ ଦେଇ କର୍ମଚାରୀମାନେ ଭୋଟ ଗଣତି କେନ୍ଦ୍ରରେ ପ୍ରବେଶ କରି ପାରିବେ।

## ସମିତି ସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର

କେସିଙ୍ଗା,୨୨।୨(ଡି.ଏନ.ଏ.): ଆଗାମୀ ୨୪ ତାରିଖରେ ୫ମ ପର୍ଯ୍ୟାୟ ନିର୍ବାଚନ କେସିଙ୍ଗା ବ୍ଲକରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ ପ୍ରଚାର ଜୋରଦାର ଚଳାଇଛନ୍ତି। କୁଣ୍ଡାବନ୍ଧ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବା ସହ ସରକାରୀ ଯୋଜନାର ସଫଳ ରୂପାୟନ କରିବାକୁ ଅଣ୍ଟା ଭିଡିଛନ୍ତି ମନୋଜ। ତାଙ୍କର ପ୍ରଚାରରେ ବହୁ ସମର୍ଥକ ସାମିଲ ହେଉଥିବା ଏକ ଶୁଭଙ୍କର ସୂଚନା ବୋଲି ମନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଜନତାଙ୍କ ସେବା ମୋର ପ୍ରଥମ ଦାୟିତ୍ୱ, ସେବା ସୁଚାରୁ ରୂପେ କରି କୁଣ୍ଡାବନ୍ଧବାସୀଙ୍କ ହୃଦୟରେ ସବୁଦିନ ପାଇଁ ଜିବୀତ ରହିବି ବୋଲି ସେ ଦୃଢ଼ ମତ ପ୍ରକାଶ କରିଛନ୍ତି। କୁଣ୍ଡାବନ୍ଧ ଗ୍ରାମ ପଞ୍ଚାୟତରେ ଅନ୍ୟ ଦୁଇ ଜଣ ମଧ୍ୟ ସମିତି ସଭ୍ୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତରେ ୧୬୬୦ ପୁରୁଷ ଏବଂ ୧୩୬୦ ମହିଳା ଭୋଟର ରହିଛନ୍ତି।

## ରାଜ୍ୟ ସଭା ସଦସ୍ୟଙ୍କ ନିର୍ବାଚନ ପ୍ରଚାର

ବରଗଡ଼ ଅଫିସ୍,୨୨।୨: ବରଗଡ଼ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ପ୍ରଚାରର ଅନ୍ତିମ ଦିନରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବରଗଡ଼ ବ୍ଲକ ଜୋନ-୩ ଅନ୍ତର୍ଗତ ବନ୍ଧା, ଜାମପାଲି, ସରଲା ଆଦି ଗ୍ରାମକୁ ଯାଇ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ପ୍ରଚାର ସମୟରେ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସରିଲା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ବଲାଙ୍ଗୀର ଅଫିସ, ୨୨।୨



ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଖର୍ଲିକାନୀ ଗାଁରେ ଭୋଟରମାନେ ଭୋଟ ଦେବାକୁ ଆସିଛନ୍ତି।

■୮୨.୨୦ ପ୍ରତିଶତ ମତଦାନ

■ଭୋଟ ବାକ୍ସରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ , ହେଭିୱେଟ୍‌ଙ୍କ ସମ୍ମାନ

ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସରିଛି। ଚତୁର୍ଥ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୮୨.୨୦ ପ୍ରତିଶତ ମତଦାନ ହୋଇଛି। ଭୋଟ ବାକ୍ସରେ ସମସ୍ତ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଓ ହେଭିୱେଟ୍ ନେତାଙ୍କ ସମ୍ମାନ ସିଲ୍ ହୋଇ ରହିଛି। ଏହାସହିତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବରଙ୍କ ଭାଗ୍ୟ ମଧ୍ୟ ସିଲ୍ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀର ବଲାଙ୍ଗୀର ସଦର ଓ ଦେଓଗାଁ ବ୍ଲକ ତଥା ଟିଟିଲାଗଡ ନିର୍ବାଚନମଣ୍ଡଳୀର ଗୁଡଭେଲା ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୁଡଭେଲା ବ୍ଲକରେ ସର୍ବାଧିକ ୮୫.୩୮ ପ୍ରତିଶତ ମତଦାନ ହୋଇଛି। ଦେଓଗାଁ ବ୍ଲକରେ ୮୧.୦୩ ପ୍ରତିଶତ ଏବଂ ବଲାଙ୍ଗୀର ସଦର ବ୍ଲକରେ ୮୦.୧୯ ପ୍ରତିଶତ ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଠାରୁ ମିଳିଥିବା ତଥ୍ୟରୁ ଜଣାପଡିଛି।

ବଲାଙ୍ଗୀର ସଦର, ଦେଓଗାଁ ଏବଂ ଗୁଡଭେଲା ବ୍ଲକର ୬ଟି ଜିଲା ପରିଷଦ ଜୋନ୍, ୬୪ ଗ୍ରାମପଞ୍ଚାୟତ ଓ ୭୬୦ଟି ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରୁ ମତଦାନ ପାଇଁ ବିଭିନ୍ନ ଗାଁରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୋଟରମାନେ ୬ଟି ଜିଲା ପରିଷଦ ଜୋନ୍‌ର ୧୮ ଜିଲା ପରିଷଦ ପ୍ରାର୍ଥୀ, ୬୪ଟି ଗ୍ରାମ ପଞ୍ଚାୟତର ୨୫୧ ସରପଞ୍ଚ ଓ ୨୦୧ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ଭୋଟଦାନ କରିଥିଲେ। ଏହି ନିର୍ବାଚନରେ ତିନି ବ୍ଲକର ୬୯ ସମ୍ବେଦନଶୀଳ ଓ ୨୬ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଜେଡିର ହେଭିୱେଟ୍ ମନ୍ତ୍ରୀ ଟୁକୁନୀ ସାହୁ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, କଂଗ୍ରେସ ଦଳର ହେଭିୱେଟ୍ ବିଧାୟକ ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ର ଏବଂ ଭାଜପା ଦଳର ହେଭିୱେଟ୍ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସିଧାସଳଖ ନିର୍ବାଚନୀ ମଇଦାନରେ ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ଏହାବ୍ୟତୀତ ଭାଜପା, କଂଗ୍ରେସ ଓ ବିଜେଡିର ବହୁ ଦଳୀୟ ନେତା ନିର୍ବାଚନ ମଇଦାନରେ ବଳ କଷିଥିଲେ। କାହାର ପ୍ରାର୍ଥୀ ଜିତିବ ତାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ସବୁ କଳ୍ପନାଜଳ୍ପନାର ଏବେ ଶେଷ ହୋଇଛି। ଜିଲା ପରିଷଦ ପ୍ରାର୍ଥୀଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ତାର ପରିସମାପ୍ତି ଘଟିଛି। ଲୋକେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇ ସାରିଛନ୍ତି। ହେଭିୱେଟ୍ ନେତାଙ୍କ ସମ୍ପୃକ୍ତି ଓ ସମ୍ମାନକୁ ନେଇ ଏଠାରେ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଥିବାରୁ ପୋଲିସ ବିଭାଗ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଥିଲା। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଆଗକୁ ଗଣତି: ପ୍ରାର୍ଥୀଙ୍କ ମଧ୍ୟରେ ହାରଜିତ୍ ଭୟ

ଲୋଇସିଂହା,୨୨।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ସରିଯାଇଛି। ତେବେ ଆଗକୁ ଭୋଟ ଗଣତି ରହିଥିବାରୁ ପ୍ରାର୍ଥୀଙ୍କ ମଧ୍ୟରେ ହାରଜିତ୍ ଭୟ ଘାରିଛି।

ଲୋଇସିଂହା କଲେଜ ଷ୍ଟ୍ରଙ୍ଗ ରୁମରେ କଡା ସୁରକ୍ଷା ବଳୟରେ ବାଲଟ ବାକ୍ସଗୁଡିକୁ ସଂରକ୍ଷଣ କରି ରଖାଯାଇଛି। ଏଠାରେ ଅହୋରାତ୍ର ପୋଲିସ ଜଗି ରହିଛନ୍ତି। ଅପରପକ୍ଷେ ବାଲଟ ବାକ୍ସ କିପରି ଏପଟସେପଟ ନ ହେବ ସେଥିପାଇଁ ଷ୍ଟ୍ରଙ୍ଗରୁମ ବାହାରେ ଟେଣ୍ଟ ମାରି ସମର୍ଥକ ଜଗି ରହିବା ଦୃଶ୍ୟ ଦେଖିବାକୁ ମିଳିଛି। ଗତ ୧୮ ତାରିଖ ଦିନ ବ୍ଲକରେ ଅନୁଷ୍ଠିତ ନିର୍ବାଚନରେ ୭୭ ପ୍ରତିଶତ ମତଦାନ ହୋଇଥିଲା। ବ୍ଲକର ୫୭୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ବାଲଟ ବକ୍ସ ରେ ସିଲ୍ ହୋଇ ରହିଛି। ବ୍ଲକର ୩୩ ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ତାରିଖ ଓ ୩୪ ନଂ ଜୋନର ଗଣତି ୨୭ ତାରିଖରେ ଲୋଇସିଂହା କଲେଜ ପରିସରରେ ହେବ। ବିଗତ ନିର୍ବାଚନ ସମୟରେ ନିର୍ବାଚନ ଦିନ ଭୋଟ ଗଣତି କରାଯାଉଥିଲା। ସରକାରୀ ଭାବେ ଘୋଷଣା ହୋଇ ନ ଥିଲେ ବି ଅଣ ଆନୁଷ୍ଠାନିକ ଭାବେ ପ୍ରାର୍ଥୀମାନେ ହାରଜିତ ଫଳାଫଳ ଜାଣି ପାରୁଥିଲେ। ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନର ସପ୍ତାହକ ପରେ ଗଣତି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ନିର୍ବାଚନ ସରିବା ପରେ ଏବେ ପ୍ରାର୍ଥୀମାନେ ତାଙ୍କ ସମର୍ଥକଙ୍କ ସହ ହାରଜିତ୍‌କୁ ନେଇ ହିସାବ ନିକାଶ ଆରମ୍ଭ କରି ଦେଇଛନ୍ତି। କେଉଁ ୱାର୍ଡରୁ କେତେଜଣ ନିଜ ସପକ୍ଷରେ ଭୋଟ ଦେଲେ ଏବଂ ବିପକ୍ଷ ପ୍ରାର୍ଥୀଙ୍କୁ କେତେ ଭୋଟ ଯାଇଛି ତାକୁ ନେଇ ଅଙ୍କକଷା ଚାଲିଛି।

## ଗୁଡ଼ଭେଲା ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ



ଡୁଙ୍ଗିବାହାଲ ଭୋଟକେନ୍ଦ୍ରରେ ମତଦାତାଙ୍କ ଭିଡ।

ଗୁଡଭେଲା,୨୨।୨(ଡି.ଏନ.ଏ.)

### ୮୫.୩୮ ପ୍ରତିଶତ ମତଦାନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ଗୁଡ଼ଭେଲା ବ୍ଲକରେ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି। ଏହି ବ୍ଲକରେ ୧୩ ଟି ଗ୍ରାମ ପଞ୍ଚାୟତ ଥିବା ବେଳେ ୫ ଓ୬ ନମ୍ବର ଦୁଇଟି ଜିଲା ପରିଷଦ ଜୋନ ରହିଛି। ୧୫୧ଟି ବୁଥରେ ମତଦାନ ହୋଇଥିଲା। ୩୭ ହଜାର ୩୫୫ ଜଣ ଭୋଟର ରହିଥିବା ବେଳେ ୮୫.୩୮ ପ୍ରତିଶତ ମତଦାନ ହୋଇଛି। ୧୯୦୩୪ ଜଣ ପୁରୁଷ, ୧୮୩୧୭ ଜଣ ମହିଳା ଓ ଅନ୍ୟାନ୍ୟ ୪ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଥିବା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବିନୋଦ ନାୟକ ପ୍ରକାଶ କରଛନ୍ତି। ଦୁଇଟି ଜୋନରୁ ୬ ଜଣ ପ୍ରାର୍ଥୀ, ୧୩ ଗୋଟି ପଞ୍ଚାୟତରେ ୩୪ ଜଣ ସମିତି ସଭ୍ୟ, ୧୨ଟି ପଞ୍ଚାୟତରେ ୪୭ ଜଣ ସରପଞ୍ଚ ପ୍ରାର୍ଥୀ ଥିବା ବେଳେ ଗୋଟିଏ ପଞ୍ଚାୟତରୁ ଜଣେ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୨୯ଟି ୱାର୍ଡରେ ୬୩ ଜଣ ୱାର୍ଡ ମେମ୍ବର ନିର୍ବାଚନ ଲଢିଥିବା ବେଳେ ସମସ୍ତଙ୍କର ଭାଗ୍ୟ ବାଲଟ ବକ୍ସରେ ସିଲ୍ ହୋଇ ରହିଛି। ସମସ୍ତ ବାଲଟ ବକ୍ସକୁ ତୁଷୁରା ତହସିଲଦାର ରବୀନ୍ଦ୍ର ପୁଟେଲଙ୍କ ଉପସ୍ଥିତିରେ ଗୁଡଭେଲା ବ୍ଲକର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ କରାଯାଇ କଡା ସୁରକ୍ଷା ବଳୟରେ ରଖାଯାଇଛି। ଆସନ୍ତା ୨୬ ତାରିଖରେ ୫ ନମ୍ବର ଜିଲା ପରିଷଦ ଜୋନ ଓ ୨୭ ତାରିଖରେ ୬ ନମ୍ବର ଜିଲା ପରିଷଦ ଜୋନର ଭୋଟ ଗଣତି ହେବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି।

# ଟିଠିପାଲି ମତଦାନ କେନ୍ଦ୍ରରେ ଉତ୍ତେଜନା

ସୋନପୁର,୨୨।୨(ନି.ପ୍ର.)



ଉତ୍ତେଜିତ ଲୋକଙ୍କ ସହିତ ବୀରମହାରାଜପୁର ଉପଜିଲାପାଳ ଆଲୋଚନା କରୁଛନ୍ତି।

### ପ୍ରିଜାଇଡିଂ ଅଫିସର, ଏଜେଣ୍ଟଙ୍କୁ ଘେରିଲେ

ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ସମୟରେ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଟିଠିପାଲି ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ମତଦାନ ସରିବା ପରେ ପ୍ରିଜାଇଡିଂ ଅଫିସର କେନ୍ଦ୍ରରେ ଉପସ୍ଥିତ ଏଜେଣ୍ଟଙ୍କ ସମ୍ମୁଖରେ ଭୋଟ ବାକ୍ସକୁ ସିଲ୍ କରିଥିଲେ। ପରେ ଅନ୍ୟ ଏଜେଣ୍ଟ ଓ ଉପସ୍ଥିତ ଭୋଟର ମତଦାନ କେନ୍ଦ୍ରରୁ ବାହାରକୁ ଚାଲି ଯାଇଥିବା ବେଳେ ଜନୈକ ଏଜେଣ୍ଟ ଭିତରେ ରହିଥିଲେ। ପ୍ରିଜାଇଡିଂ ଅଫିସର ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମଧ୍ୟାହ୍ନ ଭୋଜନ କରିଥିଲେ। ତେବେ ଜଣେ ନିର୍ଦ୍ଦିଷ୍ଟ ଏଜେଣ୍ଟ ପ୍ରିଜାଇଡିଂ ଅଫିସରଙ୍କ ସହିତ ମତଦାନ କେନ୍ଦ୍ର ଭିତରେ ରହିବାକୁ ନେଇ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସମର୍ଥକମାନେ ପ୍ରତିବାଦ କରିଥିଲେ। କିଛି ଅନିୟମିତତା ହେଉଥିବା ସନ୍ଦେହ କରି ପ୍ରିଜାଇଡିଂ ଅଫିସର ଓ ସମ୍ପୃକ୍ତ ଏଜେଣ୍ଟଙ୍କୁ ଲୋକେ ଅଟକ ରଖିଥିଲେ। ଉତ୍ତେଜିତ ଲୋକ ଭୋଟ ବାକ୍ସକୁ ଛାଡି ନ ଥିଲେ। ଖବର ପାଇ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ଏସଡିପିଓ ତୋଳାମଣି ଭୋଇ ପୋଲିସ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଉପଜିଲାପାଳ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା। ପୋଲିସ ଟିମ୍ ଉପସ୍ଥିତିରେ ଭୋଟ ବାକ୍ସକୁ ବୀରମହାରାଜପୁର ନିଆ ଯାଇଥିଲା।

## ଦେଓଗାଁ ବ୍ଲକ: ଚତୁର୍ଥ ପର୍ଯ୍ୟାୟ ଭୋଟ ଶାନ୍ତିଶୃଙ୍ଖଳାରେ ଶେଷ

ଦେଓଗାଁ,୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୨ ଓ ୧୩ ନଂ ଜୋନରେ ଥିବା ୨୬ ଟି ପଞ୍ଚାୟତରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଉକ୍ତ ବ୍ଲକରେ ୩୧୩ଟି ବୁଥରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବା ବେଳେ ଅର୍ଜ୍ଜୁନପୁର ବୁଥରେ ସର୍ବାଧିକ ୯୧ ପ୍ରତିଶତ ମତଦାନ ହୋଇଛି। ବ୍ଲକର ଦେଓଗାଁ ପିଙ୍କ୍ ବୁଥରେ ସର୍ବନିମ୍ନ ୭୨ ପ୍ରତିଶତ ମତଦାନ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ,୧୨ ନଂ ଜୋନରେ ୧୫୧ ବୁଥ୍‌ରେ ୩୫୩୦୧ ଭୋଟର ଓ ୧୩ ନଂ ଜୋନର ୧୬୨ ବୁଥ୍‌ରେ ୪୦୪୪୩ ଭୋଟର ଅଛନ୍ତି। ଏଥର ନିର୍ବାଚନରେ ବୟୋଜ୍ୟେଷ୍ଠ ସଚେତନ ଭୋଟରମାନେ ସମ୍ପର୍କୀୟମାନଙ୍କ ସହଯୋଗ ନେଇ ଭୋଟ ଦେବା ପାଇଁ ବୁଥକୁ ଆସିଥିବା ନଜରକୁ ଆସିଥିଲା। ବ୍ଲକର ୨୬ ପଞ୍ଚାୟତରେ ୧୦୦ ଜଣ ସରପଞ୍ଚ ପ୍ରାର୍ଥୀ ଓ ୮୫ ସମିତି ସଭ୍ୟ ଓ ୪୧୩ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ବାଲାଟ ବକ୍ସରେ ସିଲ୍ ହୋଇ ରହିଛି। ଦେଓଗାଁ ବ୍ଲକରେ ୧୨ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ତାରିଖ ଓ ୧୩ନଂ ଜୋନର ଭୋଟ ଗଣତି ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳୀ ନାଏକ ସୂଚନା ଦେଇଛନ୍ତି। ନିର୍ବାଚନ ସୁପରିଚାଳନା ପାଇଁ ଉପ-ଜିଲାପାଳ ଲମ୍ବୋଦର ଧରୁଆ,ଏସଡିପିଓ ତୋଫାନ ବାଗ, ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ମୁରଲୀଧର ନାଏକ, ଦେଓଗାଁ ଥାନାଧିକାରୀ ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲା।

# ଭୋଟ୍‌ବାକ୍ସରେ ପ୍ରାର୍ଥୀଙ୍କ ଭାଗ୍ୟ

ବରଗଡ଼ ଅଫିସ୍,୨୨।୨



ସୋହେଲା ବ୍ଲକ ଛୁରିଆପାଲି ଭୋଟଗ୍ରହଣ କେନ୍ଦ୍ରରେ ମତଦାତା ଧାଡ଼ିରେ ଛିଡା ହୋଇଛନ୍ତି।

ବରଗଡ଼ ଜିଲାରେ ମଙ୍ଗଳବାର ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଚତୁର୍ଥ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଜିଲାର ପ୍ରଥମ ୩ ପର୍ଯ୍ୟାୟ ମତଦାନ ମଧ୍ୟରୁ ଏଠାରେ ସର୍ବାଧିକ ୮୪.୭୮ ପ୍ରତିଶତ ମତଦାତା ମତାଧିକାର ସାବ୍ୟସ୍ତ କରିଛନ୍ତି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଭୋଟବାକ୍ସରେ ରହିଛି। ଗଣତି ପରେ କାହା ସପକ୍ଷରେ ଅଧିକ ମତଦାନ ଯାଇଛି, ତାହା ଜଣାପଡ଼ିବ। ସୋହେଲା ବ୍ଲକରେ ୧ଲକ୍ଷ ୫ହଜାର ୭୨୮ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୫୧ହଜାର ୨୫୭ ମହିଳା ଏବଂ ୫୪ହଜାର ୪୭୧ପୁରୁଷ ଭୋଟର ରହିଛନ୍ତି। ସମୁଦାୟ ଭୋଟରଙ୍କ ମଧ୍ୟରୁ ୮୯ହଜାର ୬୩୩ (୪୨ହଜାର ୩୪୪ମହିଳା ଓ ୪୭ହଜାର ୨୮୯ପୁରୁଷ) ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ବ୍ଲକରେ ୩ଜିଲା ପରିଷଦ ଜୋନ ପାଇଁ ୧୦ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ସେହିପରି ୪୨୭ ୱାର୍ଡସଭ୍ୟ, ୯୭ ସରପଞ୍ଚ ଏବଂ ୩୮ସମିତିସଭ୍ୟ ପ୍ରାର୍ଥୀ ନିଜ ନିଜ ଭାଗ୍ୟ କରୀକ୍ଷା କରିଛନ୍ତି।

## ପଞ୍ଚମ ପର୍ଯ୍ୟାୟ ମତଦାନ ପ୍ରସ୍ତୁତି ଶେଷ

କେସିଙ୍ଗା,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ୨୬ଟି ଗ୍ରାମପଞ୍ଚାୟତରେ ଆସନ୍ତା ୨୪ ତାରିଖରେ ପଞ୍ଚମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ବ୍ଲକରେ ୩୦୫ଟି ବୁଥରେ ପଞ୍ଚମ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ଏଥିଲାଗି ବ୍ଲକ ପକ୍ଷରୁ ୨୬ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ଗମନାଗମନ ପାଇଁ ୧୫ଟି ବସ୍, ୫୨ଟି ମିନିବସ୍, ୧୪୧ଟି ବୋଲେରୋ ସହିତ ନିର୍ବାଚନ ଆବଶ୍ୟକତା ଉପକରଣ ଓ ସରଞ୍ଜାମ ବ୍ୟବସ୍ଥା କରାଯାଇଥିବା କେସିଙ୍ଗା ନିର୍ବାଚନ ଅଧିକାରୀ ତଥା ବିଡିଓ ପ୍ରଫୁଲ୍ଲ କୁମାର ଅଦ ସୂଚନା ଦେଇଛନ୍ତି। ଏହି ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତରେ ୭୭ ହାଜର ୭୬୩ଜଣ ଭୋଟର ରହିଛନ୍ତି। ବ୍ଲକର ୩ଟି ଜିଲା ପରିଷଦ ଆସନ ପାଇଁ ୧୩ଜଣ ବିଜେଡି, ଭାଜପା, କଂଗ୍ରେସ, ବିଏସପି, ଆମ ଆଦମୀ ପାର୍ଟିର ପ୍ରାର୍ଥୀ ରହିଛନ୍ତି। ସେହିପରି ସମିତି ସଭ୍ୟାସଭ୍ୟ ପାଇଁ ୮୬ଜଣ, ସରପଞ୍ଚ ପାଇଁ ୧୦୭ ଏବଂ ୱାର୍ଡ଼ମେମ୍ବର ପାଇଁ ୨୨୨ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ବ୍ଲକରେ ମୋଟ ୪୨୮ ପ୍ରାର୍ଥୀ ତ୍ରିସ୍ତରୀୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ମତଦାନ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ବରଗଡ଼ ଅଫିସ୍/ସୋହେଲା,୨୨।୨

■ସୋହେଲାରେ ନିର୍ବାଚନୀ ହିଂସା

■ଆକ୍ରମଣରେ ୨ଗୁରୁତର

■ଦୋକାନ ଭଙ୍ଗାରୁଜା

ବରଗଡ଼ ଜିଲା ସୋହେଲା ବ୍ଲକରେ ମଙ୍ଗଳବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଚତୁର୍ଥ ପର୍ଯ୍ୟାୟ ମତଦାନ ବେଳେ ଉକ୍ତ ବ୍ଲକ ଅନ୍ତର୍ଗତ ପଣ୍ଡକିପାଲି ଗ୍ରାମରେ ଦୁଇ ପ୍ରମୁଖ ରାଜନୈତିକ ଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ୨ଜଣ ପହିଲ ଭୋଇ ଓ ରାଜୁ ସାହୁ ଗୁରୁତର ହୋଇଛନ୍ତି। ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ପ୍ରତିପକ୍ଷ ଗୋଷ୍ଠୀର ଆକାଶ ଭୋଇଙ୍କ କିରାନା ଦୋକାନକୁ ଭଙ୍ଗାରୁଜା କରାଯିବା ସହିତ ଟେକାପଥର ମାଡ଼ ହୋଇଥିଲା। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।



ହିଂସା ପରେ ଗ୍ରାମରେ ପୋଲିସ ମୁତୟନ ।

# ସୁବର୍ଣ୍ଣପୁର ଜିଲାରେ ୮୬.୫୧% ମତଦାନ

ସୋନପୁର/ଅମରପାଲି, ୨୨।୨(ନି.ପ୍ର./ଡି.ଏନ୍.ଏ.)



ଉଫୁଲା ପଞ୍ଚାୟତର ଏକ ଭୋଟ ଗ୍ରହଣ କେନ୍ଦ୍ର ସମ୍ମୁଖରେ ମହିଳାମାନେ ଧାଡିରେ ଛିଡା ହୋଇଛନ୍ତି।

ସୁବର୍ଣ୍ଣପୁର ଜିଲାରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ସରିଛି। କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ବୀରମହାରାଜପୁର ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ ରହିଛି। ନିର୍ଦ୍ଧାରିତ ସମୟରେ ବ୍ଲକର ୨୪୯ଟି ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ପ୍ରତିନିଧି ଚୟନ ପାଇଁ ମତଦାନ କରିଛନ୍ତି। ବ୍ଲକରେ ମୋଟ ୮୬.୫୧ ପ୍ରତିଶତ ମତଦାନ ହୋଇଛି। ମତାଧିକାର ସାବ୍ୟସ୍ତ ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। କେନ୍ଦ୍ରଗୁଡିକରେ ସକାଳ ୭ଟାରୁ ଲମ୍ବା ଲାଇନ ଲାଗିଥିଲା। ୧୫ ପଞ୍ଚାୟତ ବିଶିଷ୍ଟ ବୀରମହାରାଜପୁର ବ୍ଲକର ୨ ଟି ଜୋନରେ ଶାନ୍ତି ଶୃଙ୍ଖଳାର ସହିତ ଭୋଟ ଗ୍ରହଣ ପାଇଁ ଜିଲା, ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବ୍ଲକର ୭୦୭୬୭ ଭୋଟର ୭ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ୫୫ ସରପଞ୍ଚ, ୫୬ ସମିତି ସଭ୍ୟ ଓ ୯୪ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ବୀରମହାରାଜପୁର ବ୍ଲକ ଅଧୀନ ୧ ନମ୍ବର ଜୋନରେ ଉଫୁଲା, ଚମ୍ପାମାଳ, ମୁର୍ଷୁଣ୍ଡି, ହିଲୁଙ୍ଗ, ବାଗବର ଓ ଜଟେସିଂଘା ଆଦି ୬ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୧୫। ଭୋଟର ସଂଖ୍ୟା ୩୪୯୫୩। ୨ ନମ୍ବର ଜିଲା ପରିଷଦ ଜୋନରେ ପିତାମହୁଲ, କମିରା ସଂଗ୍ରାମପୁର, ଖଣ୍ଡହତା, ଲୁଟୁରପଙ୍କ, କେନଟଝରିଆପାଲି, ବହଳପଦର ଓ ଦୁର୍ଜନତୈଲା ଆଦି ୯ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୩୪। ଭୋଟର ସଂଖ୍ୟା ୩୫୮୧୪। ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦଳ ଓ ଭୋଟ ଗ୍ରହଣ ତଦାରଖ ସହ ଜରୁରୀକାଳୀନ ସହାୟତା ପାଇଁ ୧୯ ଜଣ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ସେହିପରି ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାସହିତ ୧୨ଟି ମୋବାଇଲ ପୋଲିସ ଟିମ୍ ନିୟୋଜିତ ହୋଇଥିଲେ। ପ୍ରତ୍ୟେକ ଟିମ୍‌ରେ ଜଣେ ସବ୍ ଇନ୍ସପେକ୍ଟରଙ୍କ ସହ ୩ ଜଣ ଓଏସଏଫ କିମ୍ବା ଏପିଆର ରହିଥିଲେ। କୌଣସି କେନ୍ଦ୍ରରେ ବିଶୃଙ୍ଖଳା ହେଲେ ଏହି ଦଳ ତୁରନ୍ତ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଥିଲା । ନିର୍ବାହୀ ଅଧିକାରୀମାନଙ୍କୁ ମାଜିଷ୍ଟ୍ରେଟ୍ ଦାୟିତ୍ୱ ଦିଆ ଯାଇଥିଲା। ଭୋଟଗ୍ରହଣ କେନ୍ଦ୍ରଗୁଡିକରେ ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା।

## କୂଅରେ ପଡ଼ି ଯୁବକ ମୃତ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ବ୍ରାହ୍ମଣପଡାରେ ମଙ୍ଗଳବାର ଖୋଲା କୂଅରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ବିପିନ ବିହାରୀ ପଣ୍ଡା (୪୦)। ସୂଚନା ଅନୁଯାୟୀ, ବିପିନ ଚାଲିଯାଉଥିବା ବେଳେ ଅସାବଧାନତାରୁ ହଠାତ୍ ଖୋଲା କୂଅରେ ପଡିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଜୁନାଗଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବିପିନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (୨/୨୨) ରଜୁ ହୋଇଛି।

### ସଂକ୍ଷେପରେ

## ପୋଲିସ ପାଟ୍ରୋଲିଂ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**୫ ପୋଲିସ ଆହତ**

ଅମରପାଲି,୨୨।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ମତଦାନ ହୋଇଯାଇଛି। ଉକ୍ତ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ପାଟ୍ରୋଲିଂ କରୁଥିବା ଏକ ପୋଲିସ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୫ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ବ୍ଲକର ବହଲପଦର ପଞ୍ଚାୟତର ବିଭିନ୍ନ ବୁଥ୍‌ରେ ପାଟ୍ରୋଲିଂ କରି ଫେରିବା ବେଳେ ହିଲୁଙ୍ଗ ପଞ୍ଚାୟତର ପଥରଘାଟ ବୁଲାଣି ନିକଟରେ ଉକ୍ତ ଗାଡି ରାସ୍ତାରୁ ତଳକୁ ଖସି ପଡିଥିଲା। ଫଳରେ ଗାଡିରେ ଥିବା ଧର୍ମଶାଳା ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନନ୍ଦିଆ, ରାମଶଙ୍କର ପାଣିଗ୍ରାହୀ, ଦେବାନନ୍ଦ ଧରୁଆ, ପ୍ରଶାନ୍ତ ଖମାରି ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୨୨।୨(ଡି.ଏନ.ଏ): ଅତାବିରା ଏନଏସି ଅଧୀନ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାର କଳାବଜାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଅତାବିରା ଅଞ୍ଚଳର ଚାଷୀଙ୍କ ସାରର ଆବଶ୍ୟକତା ରହିଛି। କିନ୍ତୁ ସେମାନଙ୍କୁ ଆବଶ୍ୟକ ସାର ମିଳୁନାହିଁ। ଫଳରେ ଚାଷୀ ଚଢ଼ାଦରରେ ସାର କିଣୁଛନ୍ତି। ବେପାରୀମାନେ ସାର ସହ ଜଙ୍କ୍ ନେବାକୁ ଚାଷୀମାନଙ୍କୁ ବାଧ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ଚାଷୀ ସଙ୍ଗଠନ ତରଫରୁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ତାଲା ପକାଯିବ ବୋଲି ଚାଷୀମାନେ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ସଙ୍ଗଠନର ସମ୍ପାଦକ ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ସୁରେଶ କର୍ଣ୍ଣ, ଭୁବନେଶ୍ୱର ପଧାନ, ଭରତ ମଲ୍ଲିକ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ



ଉଦ୍ଧାର ବୃଦ୍ଧଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଛି ।

ବରଗଡ଼ ଅଫିସ୍,୨୨।୨: ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ପଡ଼ି ରହିଥିବା ଜଣେ ଅସହାୟ ବୃଦ୍ଧଙ୍କୁ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ବୃଦ୍ଧଙ୍କ ଶରୀରର ବିଭିନ୍ନ ସ୍ଥାନରେ ଘା' ହୋଇଥିବାବେଳେ ସେ ଅସହାୟ ଭାବେ ବସଷ୍ଟାଣ୍ଡରେ ପଡ଼ି ରହିଥିଲେ। କିଏ କିଛି ଦେଲେ ଖାଉଥିଲେ, ନଚେତ୍ ଭୋକ ଉପାସରେ ରହୁଥିଲେ। ଏହା ଜାଣିବା ପରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସ୍ୱେଚ୍ଛାସେବୀ ବସଷ୍ଟାଣ୍ଡକୁ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ।

## ମିଠାପାଲିରେ ଯାଦବ ସମାଜ ବୈଠକ

ପାଇକମାଳ,୨୨।୨(ଡି.ଏନ.ଏ): ବରଗଡ ଜିଲା ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତରେ ଯାଦବ ସମାଜର ବାର୍ଷିକ ବୈଠକ ମଙ୍ଗଳବାର କଳାକାହ୍ନୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମାଜର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ମିଠାପାଲି ପଞ୍ଚାୟତର ସଭାପତି ଟିକେଲାଲ ମାହାର, ସମ୍ପାଦକ ଡୋଲାମଣି ଦୀପ, କୋଷାଧ୍ୟକ୍ଷ ମଧୁସୂଦନ ମାହାର, ପାଇକମାଳ ବ୍ଲକ ସଭାପତି ବନମାଳୀ ଚନ୍ଦନ, ସମ୍ପାଦକ ବାଳକୃଷ୍ଣ ବନଛୋର, ଜୋନ୍ ସଭାପତି ଭାସ୍କର ଭୋଇ, ପୂର୍ବତନ ସଭାପତି ବିଜୟ ହଂସ ପ୍ରମୁଖ ଯୋଗଦେଇ ଯାଦବ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତ ଯାଦବ ସମାଜ ବୈଠକ ଗୃହ ପାଇଁ ନୀଳାବତୀ ହଂସ ଜମିଦାନ କରିଥିଲେ। ବୈଠକରେ ସମାଜର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଟିକେଲାଲ ମାହାର ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଶେଷ

ଭବାନୀପାଟଣା/ଲାଞ୍ଜିଗଡ, ୨୨।୨(ସ୍ୱ.ପ୍ର./ଡି.ଏନ.ଏ.)



ଭବାନୀପାଟଣା ବ୍ଲକରେ ଏକ କେନ୍ଦ୍ରରେ ଭୋଟର ଲମ୍ବା ଲାଇନ ଲାଗିଛନ୍ତି।

**କଳାହାଣ୍ଡି ଜିଲା**

- ଭବାନୀପାଟଣାରେ ୮୧.୧୬, ଲାଞ୍ଜିଗଡରେ ୭୯.୯୦ ମତଦାନ

ଚଳିତ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ମଙ୍ଗଳବାର କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକରେ ଶେଷ ହୋଇଛି। ସକାଳ ୭ଟାରୁ ଭୋଟ ଆରମ୍ଭ ହୋଇଥିବାବେଳେ ଦିନ ଗୋଟାଏରେ ଶେଷ ହେବା କଥା। କିନ୍ତୁ ବୁଥ୍‌ଗୁଡିକରେ ଲମ୍ବା ଲାଇନ୍ ଲାଗିଥିବାରୁ ଧାର୍ଯ୍ୟ ସମୟ ପରେ ମଧ୍ୟ ମତଦାନ ଜାରି ରହିଥିଲା। ମାଓବାଦୀପ୍ରବଣ ବ୍ଲକ ଭାବେ ପରିଚିତ ଲାଞ୍ଜିଗଡ ବ୍ଲକରେ ନିର୍ବାଚନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ୨ଟି ବ୍ଲକରେ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭବାନୀପାଟଣା ସଦର ବ୍ଲକରେ ୪୪୧ ବୁଥ୍‌ରେ ୧ ଲକ୍ଷ ୨୫ ହଜାର ୩୭୧ ଭୋଟର ରହିଥିଲେ। ସେଥିମଧ୍ୟରୁ ୧ଲକ୍ଷ ୧ହଜାର ୭୫୫ଜଣ ଭୋଟର ନିଜ ମତଧିକାର ସାବ୍ୟସ୍ତ କରିଛନ୍ତି। ଯାହାକି ୮୧.୧୬ ପ୍ରତିଶତ। ଏହି ବ୍ଲକର ୪ଟି ଜୋନ୍‌ରେ ୨୦ ଜଣ ଜିଲା ପରିଷଦ ପ୍ରାର୍ଥୀ, ୱାର୍ଡମେମ୍ବର ୩୨୮, ସରପଞ୍ଚ ୧୬୭ ଓ ସମିତିସଭ୍ୟ ୧୩୧ଜଣ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ନିର୍ବାଚନ ପରିଚାଳନା ପାଇଁ ୧୩୧୬ଜଣ ସରକାରୀ କର୍ମଚାରୀ ନିୟୋଜିତ ରହିଥିଲେ। ସେହିପରି ଲାଞ୍ଜିଗଡ ବ୍ଲକରେ ୩୦୬ଟି ବୁଥ୍‌ରେ ୫୯ ହଜାର ୭୮୮ଜଣ ଭୋଟର ରହିଥିଲେ। ସେଥିମଧ୍ୟରୁ ୪୭ ହଜାର ୭୬୮ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିଛନ୍ତି। ଯାହାକି ୭୯.୯୦ ପ୍ରତିଶତ। ଏହି ବ୍ଲକରେ ୩ଟି ଜୋନ୍‌ରେ ୯ଜଣ ଜିଲା ପରିଷଦ ପ୍ରାର୍ଥୀ ଛିଡା ହୋଇଥିବାବେଳେ ୭୫ଜଣ ୱାର୍ଡମେମ୍ବର, ୭୩ଜଣ ସରପଞ୍ଚ ଓ ୭୧ଜଣ ସମିତିସଭ୍ୟ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ନିର୍ବାଚନ ପରିଚାଳନା ପାଇଁ ୯୭୪ଜଣ ସରକାରୀ କର୍ମଚାରୀ ନିୟୋଜିତ ହୋଇଥିଲେ। ମାଓବାଦୀପ୍ରବଣ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ କୋମ୍ବିଂ ଅପରେଶନ ନିମନ୍ତେ ଏସ୍‌ଓଜି, ଡିଭିଏଫ୍ ଓ ସିଆରପିଏଫ୍‌ଙ୍କୁ ସଜାଗ ରଖାଯାଇଥିଲା। ସେହିପରି ୪୦ଟି ମୋବାଇଲ ପୋଲିସ ଟିମ୍, ୪ଟି ସେକ୍ଟର ଟିମ୍, ୩ଟି ପୋଲିସ ଷ୍ଟ୍ରାଇକିଙ୍ଗ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ବ୍ଲକିଂ କରି ଯାଞ୍ଚ କରାଯାଉଥିବା ବେଳେ ଖୋଦ୍ ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ମଧ୍ୟ ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ।

## ବୁଥ୍ ପରିଦର୍ଶନ କଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି




ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଓ ଏସ୍‌ପି ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ବୁଥ୍ ପରିଦର୍ଶନ କରୁଛନ୍ତି।

ଲାଞ୍ଜିଗଡ଼,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତରେ ମଙ୍ଗଳବାର ୪ର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ୧୧ଟି ଅତି ସମ୍ବେଦନଶୀଳ ବୁଥରେ ଭୋଟ ଗ୍ରହଣ ଚାଲିଥିଲା। ତ୍ରିଲୋଚନପୁର ବୁଥକୁ ଅଚାନକ ଭାବେ ପହଞ୍ଚି ଥିଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଡ.ଶ୍ରବଣ ବିବେକ ଏମ। ୨୦ବର୍ଷ ପରେ ନିୟମଗିରୀ ଅଞ୍ଚଳବାସି ନିଜ ମତଦାନ ସାବ୍ୟସ୍ତ କରୁଛନ୍ତି ସେଥିପାଇଁ ଭୋଟରଙ୍କୁ ଉତ୍ସାହିତ କରିବା ପାଇଁ ପହଞ୍ଚିଥିଲେ। ତ୍ରିଲୋଚନପୁରର ବିଭିନ୍ନ ବୁଥକୁ ବୁଲି ସୁରକ୍ଷା କିପରି ରହିଛି ତାହା ତଦାରଖ କରିଥିବା ବେଳେ ବାତେରଲିମା ଓ ଛତ୍ରପୁରର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ଏଠାରେ ତଦାରଖ ପାଇଁ ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସେକ୍ଟର ଅଫିସର କୃଷ୍ଣଚନ୍ଦ୍ର ସାହୁ, ସେକ୍ଟର ସୁପରଭାଇଜର ଲୋମ୍ବଧର ପ୍ରଧାନଙ୍କ ଉପସ୍ଥିତି ରହିଥିଲେ। ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ଭୋଟରମାନଙ୍କୁ ପୋଲିସ କର୍ମଚାରୀମାନେ ଆଣି ମତଦାନ କେନ୍ଦ୍ରକୁ ପହଞ୍ଚାଉଥିଲେ।

## ୩ ନଂ. ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

କେସିଙ୍ଗା,୨୨।୨(ଡି.ଏନ.ଏ.)

**କେସିଙ୍ଗା ବ୍ଲକ**

- ୨୪ରେ ୫ମ ପର୍ଯ୍ୟାୟରେ ଭୋଟ
- ନିର୍ବାଚନ ମଇଦାନରେ ୪ ପ୍ରାର୍ଥୀ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୩ ନଂ. ଜିଲା ପରିଷଦ ଜୋନରେ ଆସନ୍ତା ୨୪ ତାରିଖରେ ୫ମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ୨୨ ତାରିଖ ସନ୍ଧ୍ୟାରୁ ପ୍ରଚାର ମଧ୍ୟ ଶେଷ ହୋଇଛି। ହେଲେ ଏହି ଜୋନରେ ୪ଜଣ ପ୍ରାର୍ଥୀ ମଇଦାନରେ ରହିଥିଲେ ହେଁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେଉଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହି ଜୋନ ଅଧମୁଣ୍ଡା, ଫଟକାମାଲ, ନାସିଗା, ଗାଇଗା, ଚାଞ୍ଚେର, ଉତକେଲା, ଗୋକୁଳେଶ୍ୱର, ଦେଓଗାଁ ଓ ପାଷ୍ଟିଗୁଡ଼ି ଆଦି ୯ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏହି ଜୋନରେ ମୋଟ ୩୦ ହଜାର ୬୭୯ ଭୋଟର ରହିଛନ୍ତି। ଏହି ଜୋନରେ ୧୧୦ଟି ୱାର୍ଡ଼ ରହିଛି। ୩ ନମ୍ବର ଜୋନରେ କୌଣସି ସମ୍ବେଦନଶୀଳବୁଥ ନାହିଁ। ୨୦୧୭ ନିର୍ବାଚନରେ ଭାଜପାର ନିରୂପମା ସାମଲ ପ୍ରାର୍ଥିନୀ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ୩ ନଂ. ଜିଲା ପରିଷଦ ଜୋନରେ ଦେଓଗାଁ ପଞ୍ଚାୟତର ବିଜେଡିରୁ ସୁନିତା ଶବର ନିର୍ବାଚନ ଲଢୁଛନ୍ତି। ଭାଜପାରୁ ଶୁଶିଳା ଶବର ନିର୍ବାଚନ ମଇଦାନରେ ରହିଛନ୍ତି। ସେହିପରି କଂଗ୍ରେସରୁ ଉତକେଲା ଗ୍ରାମ ପଞ୍ଚାୟତର ରତ୍ନମାଳା ମାଝି ଏବଂ ବିଏସପିରୁ ତଫାରାଣି ମାଝି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ୪ଟି ଦଳ ମଧ୍ୟରୁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଟକ୍କର ହେଉଛି। ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, ଅନାମ ନାୟକ ଓ ଅନ୍ୟାନ୍ୟ ବିଜେଡି କର୍ମୀମାନେ ଘରକୁ ଘର ବୁଲି ଜୋରସୋରରେ ପ୍ରଚାର କରିଛନ୍ତି। ସେହିପରି କଂଗ୍ରେସରୁ ଜିଲା ସଭାପତି ଭାରତ ବିମାଲ, ଜିଲା ଉପସଭାପତି ପରମାନନ୍ଦ ମାଝି, ଯୁବ କଂଗ୍ରେସ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ଓ ଭାଜପାରୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ପ୍ରମୁଖ ଦଳୀୟ କର୍ମକର୍ତ୍ତାମାନେ ଜୋରସୋରରେ ପ୍ରଚାର ଚଳାଇଛନ୍ତି। ରଣାଙ୍ଗନରେ ବିଏସ୍‌ପି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ହେଁ ତାଙ୍କର ବିଶେଷ ପ୍ରଭାବ ଅନୁଭୂତ ହେଉନାହିଁ। ଏହି ଜୋନରେ ଦୀର୍ଘ ଦିନରୁ ମେଗା ଉଠାଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ପାନୀୟ ଜଳ, ଭତ୍ତା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ତେଣୁ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ନିର୍ବାଚନରେ ଭୋଟର କାହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ହତ୍ୟା ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୨୨।୨

ବରଗଡ଼ ସହର ନଦୀପଡ଼ାରେ ଗତ ୨୦ତାରିଖରେ ସଂଘଟିତ ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ପୋଲିସ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ କେଶବନଗର ନିବାସୀ ଅନିଲ ଗଡ଼ତିଆ। ତାଙ୍କ ବିରୋଧରେ ଏକ ମାମଲା (ନଂ.୯୦/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।

ପ୍ରକାଶ ଯେ, ଘଟଣାଦିନ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନଦୀପଡ଼ାର କହ୍ନେଇ ସାହୁ ଏବଂ ଅଭିଯୁକ୍ତ ଅନିଲଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅନିଲ କହ୍ନେଇଙ୍କୁ ୫୦ଟଙ୍କା ମାଗିଥିଲେ। ମାତ୍ର ସେ ମନା କରିବାରୁ ଅନିଲ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଭୀମସାର୍ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କହ୍ନେଇଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତ କହ୍ନେଇଙ୍କ ପୁଅ ବିଶ୍ୱନାଥ ଏତଲା ଦେବା ପରେ ଟାଉନ ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମା' ସୁନାଦେଈ, ଭୈରବ ଦେବୀଙ୍କ ପାଟଯାତ୍ରା ସମ୍ପନ୍ନ



ମା' ସୁନାଦେଈଙ୍କ ପୂଜାଅର୍ଚ୍ଚନା କରାଯାଉଛି।

କୋକସରା,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖଲିଗଡ଼ ପୁରୁଣାପଡାଠାରେ ତିନିଦିନ ଧରି ଚାଲିଥିବା ମା' ସୁନାଦେଈ, ଭୈରବ ଦେବୀ, କଳାରେନ ମା' ଓ ଗୁରୁ ଦେବତାଙ୍କ ପାଟଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ଏହି ପାଟଯାତ୍ରାରେ ପ୍ରଥମେ କଳସ ଯାତ୍ରା ସହ ଶୁଭଖମ୍ବ ସ୍ଥାପନ କରାଯାଇଥିଲା। ପରେ ଚଲାନ ବଂଶୀୟ ଚାରୋଟି ଦେବୀଙ୍କ ଆବାହନ କରି ପୀଠ ସ୍ଥାପନ କରି ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମର ବିଭିନ୍ନ ଦେବଦେବୀଙ୍କ ଲାଠି, କାଳିସୀ ଓ ବନ୍ଧୁବାନ୍ଧବଙ୍କ ଲାଠି କାଳିସୀ ଗ୍ରାମ ପରିକ୍ରମା କରି ପୀଠକୁ ଆସିଥିଲେ। ପ୍ରତି ପାନ୍ତରୁ ୭ ବର୍ଷ ମଧ୍ୟରେ ଏହି ପାଟଯାତ୍ରା ହୋଇଥାଏ। ମାଘ ମାସରେ ଆୟୋଜିତ ହେଉଥିବା ଏହି ଆଦିବାସୀ ସମ୍ପ୍ରଦାୟର ଚଲାନ ବଂଶୀୟ ପାଟଯାତ୍ରା ଶେଷ ଦିନରେ ସକାଳୁ ସୁରୁଜ ପୂଜା ଓ ପରେ ପୀଠ ପୂଜା କରାଯାଇଥାଏ। ପୀଠ ପୂଜାରେ ସମସ୍ତ ଦେବଦେବୀଙ୍କୁ ଭୋଗ ନୈବେଦ୍ୟ ଦେବା ସହ ବୋଦା, କୁକୁଡ଼ା, ପାରା ଆଦି ବଳି ଦିଆଯାଇଥାଏ। ପାଟଯାତ୍ରା କଲେ ଚଲାନ ବଂଶର ସମସ୍ତ କୁଟୁମ୍ବ ସହ ବନ୍ଧୁ, ବାନ୍ଧବ ସୁଖରେ ରହୁଥିବା ବିଶ୍ୱାସ ରହିଛି। ଏହି ଯାତ୍ରାରେ ସ୍ଥାନୀୟ ଅଞ୍ଚଳ ସମେତ ନବରଙ୍ଗପୁର, ଛତିଶଗଡ଼ ଓ କୋନାବେଡା ଆଦି ସ୍ଥାନରୁ ଲୋକଙ୍କ ସମାଗମ ହୋଇଥିଲା। ପୂଝାରୀ ମର୍ଦ୍ଦରାଜ ଚଲାନ, ଶିରା ଜଏଧର ଚଲାନ, ନରସିଂ ଚଲାନ, ସଭାପତି ବୈକୁଣ୍ଠ ଚଲାନ, ଉପସଭାପତି ପଦ୍ମନ ଚଲାନ, ସମ୍ପାଦକ ମଦନ ଚଲାନ, ସହ ସମ୍ପାଦକ ଧନସାଏ ଚଲାନ, କୋଷାଧ୍ୟକ୍ଷ ମାଦେବ ଚଲାନ, ଚୈତନ୍ୟ ଚଲାନଙ୍କ ସମେତ ଗ୍ରାମବାସୀ ପାଟଯାତ୍ରାରେ ସହଯୋଗ କରିଥିଲେ।

## ବିପୁଳ ପରିମାଣର କାଠ ଜବତ

ବଲାଙ୍ଗୀର ଅଫିସ,୨୨।୨



ବନ ବିଭାଗ ପକ୍ଷରୁ ମହଦାସନୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଧରା ପଡିଥିବା କାଠ ଓ ବିଭାଗୀୟ କର୍ମଚାରୀ।

- ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ
- ବୁରୋଭାଡିରୁ କାଠ ସହ ଟ୍ରାକ୍ଟର ଜବତ୍, ୨ ଗିରଫ

ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରାକାଠ ଜବତ କରାଯାଇଛି। ପାଟଣାଗଡ ରେଞ୍ଜ ଅନ୍ତର୍ଗତ ମହଦାସନୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଏକ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ମହୁଲ ଓ ସାହାଜ ଗଛକୁ ଜବତ କରାଯାଇଛି। ଡେପୁଟି ରେଞ୍ଜର ଦିଲୀପ ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ଭାଗବତ ଦାଶ, ଫରେଷ୍ଟ ଗାର୍ଡ ଶ୍ୟାମ ସାହୁ ଓ ଷ୍ଟାଫ୍ ଚଢ଼ାଉ କରିଥିଲେ। ଡ୍ରାଇଭରକୁ ଗିରଫ କରାଯିବା ସହ ଟ୍ରାକ୍ଟର ଓ କାଠକୁ ଜବତ କରାଯାଇଛି। ବଲାଙ୍ଗୀର ବୁରୋଭାଡି ଠାରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ଜାଳେଣି କାଠ ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଦୁଇଜଣ ବ୍ୟକ୍ତିକୁ ଗିରଫ କରାଯାଇଛି। ଟ୍ରାକ୍ଟରରୁ ୧୫ କୁଇଣ୍ଟାଲ ଜାଳ କାଠ ଜବତ କରାଯାଇଛି। ବଲାଙ୍ଗୀର ଖମାରମୁଣ୍ଡା ଗାଁ ନିକଟରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମୂଲ୍ୟବାନ କାଠଗଣ୍ଡି ଜବତ କରାଯାଇଛି। ଡିଏଫ୍‌ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶ ମୁତାବକ ସାଲେଭଟା ଫରେଷ୍ଟର ଚିତ୍ତରଞ୍ଜନ ଖମାରୀଙ୍କ ନେତୃତ୍ୱରେ ବଲାଙ୍ଗୀର ଫରେଷ୍ଟ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରେ ଶାଗୁଆନ, ନିମ୍ବ ଓ ଶିଶୁ ସମେତ ବିଭିନ୍ନ ପ୍ରଜାତିର ପ୍ରାୟ ୩୦ଟି କାଠଗଣ୍ଡି ଜବତ କରାଯାଇଥିଲା। କିଏ ଏଠାରେ ଏତେ ପରିମାଣର କାଠଗଣ୍ଡି ରଖିଥିଲା ତାହା ସ୍ପଷ୍ଟ ହୋଇନାହିଁ।

## ୩୦୯ ଲିଟର ମଦ ଜବତ, ୪ ଗିରଫ

ଭବାନୀପାଟଣା,୨୨।୨(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନକୁ ଆଖି ଆଖରେ ରଖି ଚୋରାମଦ କାରବାରକୁ ବନ୍ଦ କରିବା ପାଇଁ ଅଣ୍ଟାଭିଡିଛି କଳାହାଣ୍ଡି ଅବକାରୀ ବିଭାଗ। ଜିଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲାର ଜୁନାଗଡ, ଜୟପାଟଣା, ଭବାନୀପାଟଣା ଓ ଏମ୍.ରାମପୁର ଆଦି ୪ଟି ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୬୩ ଲିଟର ଚୋରାମଦ, ୯.୪ ଲିଟର ଭାଟିମଦ, ୨୨୦ ଲିଟର ମହୁଲ ପୋଚ ମଦ ଓ ୧୭. ୨୮ଲିଟରେ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୫ଟି ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଗୋଟିଏ ବାଇକ ମଧ୍ୟ ଜବତ କରାଯାଇଛି।

## ବରଗଛକୁ ଧକ୍କାଦେଲା ଟ୍ରକ୍: ଡ୍ରାଇଭର ମୃତ

ସୋନପୁର,୨୨।୨(ନି.ପ୍ର.)

ସୋନପୁର ଥାନା ଅର୍ଜୁନପୁର-ବୁର୍ଡା ରାସ୍ତାର ଅର୍ଜୁନପୁର ଛକ ନିକଟରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱ ବରଗଛକୁ ଧକ୍କା ଦେଇଛି। ଟ୍ରକ୍‌ଟି ଦ୍ରୁତଗତିରେ ଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଛି। ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗିଯାଇଛି। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭରଙ୍କ ନାମ ଭଗବାନ ଦୀନ ଜୈଶୀ। ତାଙ୍କ ଘର ଛତିଶଗଡର ବିଲାସପୁର ଜିଲା ଅନ୍ତର୍ଗତ ପେଣ୍ଡିରି ଗାଁରେ। ଉକ୍ତ ଟ୍ରକ୍ (ନଂ ଓଡି୧୫ଏଲ-୨୬୭୭) ସମ୍ବଲପୁରରୁ କୋଇଲା ବୋଝେଇ କରି ସୋନପୁର ଥାନା ବିଶିମୁଣ୍ଡାସ୍ଥିତ ଏକ ଗୋଦାମକୁ ଆସୁଥିଲା ବୋଲି ଜଣାପଡିଛି। ସୋନପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଟିଟିଲାଗଡ଼ରେ ମହା ଶିବରାତ୍ରି ମେଳା ବାତିଲ

ଟିଟିଲାଗଡ,୨୨।୨(ଡି.ଏନ.ଏ.)

ଆସନ୍ତା ମହାଶିବରାତ୍ରିରେ ଟିଟିଲାଗଡ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ବହୁ ପ୍ରସିଦ୍ଧ ମହା ଶିବରାତ୍ରି ମେଳାକୁ ଚଳିତବର୍ଷ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଛି। ସୋମବାର ଟିଟିଲାଗଡ ପୌର ପରିଷଦର ସଭାଗୃହରେ ଉପଜିଲାପାଳ ତଥା ଦଧି ବାମନ ଧବଳେଶ୍ୱର ଟ୍ରଷ୍ଟର ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ଅଗ୍ରଣୀ ଅନୁଷ୍ଠାନର ସଦସ୍ୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ,ସମସ୍ତ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। କରୋନା ମହାମାରୀର ଭୟାବହତା ଓ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଉପଜିଲାପାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସହମତିରେ ଆୟୋଜିତ ହେବାକୁ ଥିବା ମେଳା ବାତିଲ କରିଥିଲେ। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ କଟକଣା ମାର୍ଗଦର୍ଶିକା ଅନୁଯାୟୀ ନିରାଡମ୍ବର ଭାବରେ ମନ୍ଦିରର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଏହି ମେଳା ୭୧ ବର୍ଷରେ ପାଦ ଥାପିବାକୁ ଯାଉଥିବା ବେଳେ ମହାମାରୀ ଯୋଗୁ ବିଗତ ଦୁଇ ବର୍ଷ ଧରି ଏହାକୁ ବନ୍ଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଲେଖ ଦଳବେହେରା, ଧ୍ରୁବଲେ ଦଳବେହେରା, ରାଜୁ ମିଶ୍ର, ପଙ୍କଜ ଜୈନ, ତ୍ରିନାଥ ସରାଫ, ଦେ ସଡ଼ଙ୍ଗି, ଅରବିନ୍ଦ ମେହେଟୋ , କୈଳାଶ ଅଗ୍ରୱାଲ, ସନତ ପାଢ଼ୀ, ଅରୁଣ ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାମଲାର ଅଭିଯୁକ୍ତ ସହ କୋର୍ଟ କର୍ମଚାରୀ ଗିରଫ

ବୌଦ୍ଧ,୨୨।୨(ସ୍ୱ.ପ୍ର.)



କୋର୍ଟ କର୍ମଚାରୀ ଓ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

**ବୌଦ୍ଧ କୋର୍ଟରୁ ଗୁରୁତ୍ୱପୂର୍ଣ୍ଣ ମାମଲାର ରେକର୍ଡ ଉଭାନ ଘଟଣା**

- କୋର୍ଟ କର୍ମଚାରୀଙ୍କ ସହାୟତାରେ ହୋଇଥିଲା ଚୋରି

ବୌଦ୍ଧ ବିଚାର ବିଭାଗୀୟ ଅଦାଲତରୁ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ରେକଡ ହଜିଯାଇଥିବା ନେଇ ଗତ ୮ତାରିଖରେ ବୌଦ୍ଧ କୋର୍ଟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବୌଦ୍ଧ ଥାନା ପକ୍ଷରୁ ଏକ ମାମଲା (ନଂ.୫୪।୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସୂଚନା ମୁତାବକ ଚୋରି ହୋଇଯାଇଥିବା ରେକଡ ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜଙ୍କ ଅଦାଲତର ସ୍ପେଶାଲ କେସ ୪/୧୮(ପକ୍ସୋ)ର ରେକଡ। ପୋଲିସ ମାମଲାକୁ ଗୁରୁତର ନେବା ସହ ତଦନ୍ତକୁ ଜୋର କରିବା ପରେ ଏହି ରେକଡ ଚୋରି ଘଟଣାରେ ଅତିରିକ୍ତ ଜିଲା ଦୌରାଜଜ କୋର୍ଟର ଅଡରଲି ଓ ଉକ୍ତ ମାମଲାରେ ଅଭିଯୁକ୍ତ ଥିବା ପୋଲିସ ଜାଣିପାରିଥିଲା। ଉକ୍ତ ମାମଲା ବିଚାର ଚାଲିଥିବାବେଳେ କୋର୍ଟରୁ ଚୋରି ହୋଇଯାଇଥିଲା। ମାମଲାରେ ଥିବା ଅଭିଯୁକ୍ତ ବୌଦ୍ଧ ଥାନା ବଲାସିଙ୍ଗାର ତ୍ରିଜିତ ସିଂ କୋର୍ଟ ଅଡରଲି ରାଜେନ୍ଦ୍ର ନାରାୟଣ ପ୍ରଧାନଙ୍କୁ ହାତକରି ଚୋରି କରିଥିଲା। କାରଣ ମୂଳ କେସ ରେକଡକୁ ନେଇଗଲେ ଉକ୍ତ ମାମଲାରୁ ଖଲାସ ହୋଇଯିବ ବୋଲି ଏପରି କରିଥିବା ଜଣାପଡିଛି। ଚୋରି ହେବା ଦିନଠାରୁ ଅଡରଲି ପ୍ରଧାନ କୋର୍ଟରୁ ଫେରାର୍ ହୋଇଯାଇଥିଲେ। ଫଳରେ ପୋଲିସର ସନ୍ଦେହ ଅଡରଲି ଉପରେ ରହିଥିଲା। ପୋଲିସ ତାକୁ ନେଇ ପଚରାଉଚରା କରିବା ପରେ ଉକ୍ତ କେସ ରେକଡକୁ ଅଭିଯୁକ୍ତ ତ୍ରିଜିତ ସିଂକୁ ଦେଇଥିବା ଜଣାପଡିଥିଲା। ଅଭିଯୁକ୍ତ ନିଜ ଶ୍ୱଶୁର ଘର ବବଡାଠାରେ କେସ ରେକଡକୁ ରଖିଥିଲା । ପୋଲିସ ରେକଡକୁ ଉଦ୍ଧାର କରିବା ସହ ମଙ୍ଗଳବାର ଅଡରଲି ରାଜେନ୍ଦ୍ର ନାରାୟଣ ପ୍ରଧାନ ଓ ମାମଲାର ଅଭିଯୁକ୍ତ ତ୍ରିଜିତ ସିଂକୁ ଗିରଫ କରି ବିଚାର ପାଇଁ କୋର୍ଟକୁ ପଠାଇଥିବା ଥାନା ଅଧିକାରୀ ମାଧବାନନ୍ଦ ନାଏକ ପ୍ରକାଶ କରିଛନ୍ତି।